# ଶିଷ୍ୟତ୍ୱ ଦର୍ଶନ ଏବଂ ରଣନୀତିକୁ ଅବଲମ୍ବନ କରେ

## କାର୍ଯ୍ୟ ପୁସ୍ତକ

ଅତଏବ, ତୁମ୍ଭେମାନେ ଯାଇ ସମସ୍ତ ଜାତିର ଲୋକଙ୍କୁ ପିତା, ପୁତ୍ର ଓ ପବିତ୍ରଆତ୍ମାଙ୍କ ନାମରେ ବାପ୍ତିସ୍ମ ଦେଇ, ମୁଁ ତୁମ୍ଭମାନଙ୍କୁ ଯେଉଁ ଯେଉଁ ଆଜ୍ଞା ଦେଇଅଛି, ସେହିସବୁ ପାଳନ କରିବାକୁ ଶିକ୍ଷା ଦେଇ ସେମାନଙ୍କୁ ଶିଷ୍ୟ କର; ଆଉ ଦେଖ, ଯୁଗାନ୍ତ ପର୍ଯ୍ୟନ୍ତ ସଦାସର୍ବଦା ମୁଁ ତୁମ୍ଭମାନଙ୍କ ସଙ୍ଗେ ସଙ୍ଗେ ଅଛି । (ମାଥିଉ ୨୮:୧୯-୨୦)

FDM
.WORLD

Craig Caster

*Discipleship Takes Vision and Strategy* in Odia

FAMILY DISCIPLESHIP MINISTRIES
(619) 590-1901
info@FDM.world
www.FDM.world

*ଶିଷ୍ୟତ୍ୱ ଦର୍ଶନ ଏବଂ ରଣନୀତିକୁ ଅବଲମ୍ବନ କରେ,* କ୍ରେଗ୍ କେଷ୍ଟର
ଆଇ ଏସ ବି ଏନ ୯୭୮-୧-୭୩୩୪୧୩୦-୬-୦
ପ୍ରିଣ୍ଟ ଓ ଇଲେକ୍ଟ୍ରୋନିକ ସଂସ୍କରଣ କପିରାଇଟ © ୨୦୨୨ ପାଳକ କ୍ରେଗ୍ କେଷ୍ଟରଙ୍କ ଦ୍ୱାରା । ସମସ୍ତ ଅଧିକାର ସଂରକ୍ଷିତ ।
୦୪୨୯୨୦୨୨ ପରିମାର୍ଜନ ।

ଅନୁବାଦ: ପାଳକ ଜେବୁଲନ ଦିଗାଳ
ଇମେଲ: jebulangrace@gmail.com
ୱାଟସପ ନଂ: ୮୭୬୩୭୮୩୯୧୧

### ଏଫ ଡି ଏମ. ପୃଥିବୀ ଦ୍ୱାରା ଅନ୍ୟାନ୍ୟ ସାମଗ୍ରୀ

ଖ୍ରୀଷ୍ଟିୟାନ ମୂଳ ଭିତିକ ସତ୍ୟ: ଜଣେ ଶିଷ୍ୟ ପାଇଁ ଏକ ଦୃଢ ଭିତିମୂଳ, କ୍ରେଗ୍ କେଷ୍ଟରଙ୍କ ଦ୍ୱାରା
କ୍ଷମା ଏବଂ ପୁନଃ ସମନ୍ୱୟ, କ୍ରେଗ୍ କେଷ୍ଟରଙ୍କ ଦ୍ୱାରା ।
ବିବାହ ହେଉଛି ଏକ ସେବାକାର୍ଯ୍ୟର ସିରିଜ, କ୍ରେଗ୍ କେଷ୍ଟରଙ୍କ ଦ୍ୱାରା ।
ପାରେଣ୍ଟିଙ୍ଗ ହେଉଛି ଏକ ସେବାକାର୍ଯ୍ୟର ସିରିଜ, କ୍ରେଗ୍ କେଷ୍ଟରଙ୍କ ଦ୍ୱାରା ।
କିଶୋରଙ୍କୁ ବୁଝିବା ସିରିଜ, କ୍ରେଗ୍ କେଷ୍ଟରଙ୍କ ଦ୍ୱାରା ।

ଶିଷ୍ୟତ୍ୱ ସାଧନ, ଏବଂ ପରାମର୍ଶ ଭାବରେ ସମସ୍ତ ଏଫ ଡି ଏମ (FDM)ର କାର୍ଯ୍ୟପୁସ୍ତକଗୁଡ଼ିକ ବ୍ୟକ୍ତିଗତ ଅଧ୍ୟୟନ, ଛୋଟ ଦଳ ନିମନ୍ତେ ସୁପାରିଶ କରାଯାଏ ।

# ସୂଚୀପତ୍ର


ଉପକ୍ରମ ........................................................................................୧

ବର୍ତ୍ତମାନ ଯୁଗର  ଶିଷ୍ୟତ୍ୱ ..........................................................୩

ସମ୍ବନ୍ଧୀୟ ପ୍ରାଥମିକତାକୁ ଏକ ଧାଡ଼ିରେ କରିବା .................................୮

ପ୍ରକୃତ ଶିଷ୍ୟତ୍ୱକୁ ବୁଝିବା ..............................................................୧୩

ଖ୍ରୀଷ୍ଟଙ୍କ ଉଦାହରଣକୁ ଗ୍ରହଣ କରିବା ............................................ ୨୧

ପ୍ରତ୍ୟେକ ନେତାଙ୍କୁ ଶିଷ୍ୟ କରନ୍ତୁ ....................................................୨୫

ପ୍ରତ୍ୟେକ ବିଶ୍ୱାସୀଙ୍କୁ ଶିଷ୍ୟ କରନ୍ତୁ ................................................ ୩୧

ଆରମ୍ଭ କରୁଅଛି ..........................................................................୪୦

କାର୍ଯ୍ୟ ନିମନ୍ତେ ଏକ ଆହ୍ୱାନ ........................................................୪୧

ଲେଖକଙ୍କ ବିଷୟରେ ................................................................ ୪୫

ପରିବାର ଶିଷ୍ୟତ୍ୱ ସେବାକାର୍ଯ୍ୟ ବିଷୟରେ .................................... ୪୭

# ଉପକ୍ରମ

ଶିଷ୍ୟତ୍ୱ ହେଉଛି ପରମେଶ୍ୱରଙ୍କର ହୃଦୟରେ ଥିବା ତାହାଙ୍କ ପିଲାମାନଙ୍କ ନିମନ୍ତେ ଏକ ଇଚ୍ଛା । ଆମ୍ଭେମାନେ କିପରି ଜାଣିବା ? ମାଥିଉ ୨୮:୧୯-୨୦ ଯୀଶୁ ଖ୍ରୀଷ୍ଟଙ୍କ ସ୍ୱର୍ଗାରୋହଣ ପୂର୍ବରୁ ଶିଷ୍ୟମାନଙ୍କ ନିମନ୍ତେ ସ୍ଥାପନ କରିଥିବା ଅନ୍ତିମ ସୂଚନା ଶିଷ୍ୟ କରିବା ବିଷୟରେ ପ୍ରକାଶ କରେ ।

> ଅତଏବ, ତୁମ୍ଭେମାନେ ଯାଇ ସମସ୍ତ ଜାତିର ଲୋକଙ୍କୁ ପିତା, ପୁତ୍ର ଓ ପବିତ୍ର ଆତ୍ମାଙ୍କ ନାମରେ ବାପ୍ତିସ୍ମ ଦେଇ, ମୁଁ ତୁମ୍ଭମାନଙ୍କୁ ଯେଉଁ ଯେଉଁ ଆଜ୍ଞା ଦେଇଅଛି, ସେହିସବୁ ପାଳନ କରିବାକୁ ଶିକ୍ଷା ଦେଇ ସେମାନଙ୍କୁ ଶିଷ୍ୟ କର; ଆଉ ଦେଖ, ଯୁଗାନ୍ତ ପର୍ଯ୍ୟନ୍ତ ସଦାସର୍ବଦା ମୁଁ ତୁମ୍ଭମାନଙ୍କ ସଙ୍ଗେ ସଙ୍ଗେ ଅଛି । (ମାଥିଉ ୨୮: ୧୯-୨୦)

ପାରିବାରିକ ଶିଷ୍ୟତ୍ୱ ସେବାକାର୍ଯ୍ୟ (ଏଫ ଡି ଏମ) ଏହି ଆଦେଶକୁ ଗମ୍ଭୀର ଭାବେ ଗ୍ରହଣ କରିଥାଏ ଏବଂ ଅନେକ ବର୍ଷ ଧରି ପାଳକମାନଙ୍କୁ ଗଢି ଆସୁଅଛି । ପାଳକମାନଙ୍କୁ ଶିଷ୍ୟତ୍ୱ ପାଇଁ ଏକ ଦର୍ଶନ ପାଇବାକୁ ଏବଂ ସେମାନଙ୍କର ନିର୍ଦ୍ଦିଷ୍ଟ ବିଶ୍ୱାସୀମାନଙ୍କ ଉଦ୍ଦେଶ୍ୟରେ ରଣନୀତି ପ୍ରସ୍ତୁତ କରିବାରେ ସାହାଯ୍ୟ କରିବାକୁ ଏହି ପୁସ୍ତିକାରେ ଆମ୍ଭର ଲକ୍ଷ । ପରିଶେଷରେ, ଆମ୍ଭେ ଖ୍ରୀଷ୍ଟିୟାନମାନଙ୍କୁ ସେମାନଙ୍କ ବିଶ୍ୱାସରେ ପରିପକ୍ୱ ହେବାକୁ ଏବଂ ଅନ୍ୟମାନଙ୍କୁ ଶିଷ୍ୟ କରିବାକୁ ଶିଖିବା ନିମନ୍ତେ ସାହାଯ୍ୟ କରିବାକୁ ଚାହୁଁ, ଯାହା ଦ୍ୱାରା ମହାନ ଆଦେଶ ସଫଳ ହେବ ।

ଏହି ଆଧାରଟି ବାଇବଲ ଭିତିକ ଏକ ପ୍ରଭାବଶାଳୀ ଶିଷ୍ୟତ୍ୱ ରଣନୀତିର ମହତ୍ୱ ପାଇଁ ଏବଂ ଆବଶ୍ୟକତା ନିମନ୍ତେ ବାଇବଲ ଗୁରୁତ୍ୱ ଦେଇଥାଏ । ଆଜିର ଉଷ୍ମ, ଖ୍ରୀଷ୍ଟିୟାନ ସଂସ୍କୃତିରେ ମଣ୍ଡଳୀ ନେତୃବୃନ୍ଦ ଯେଉଁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି, ତାହା ଆମ୍ଭେ ବୁଝିପାରୁ, ଏବଂ ଆମ୍ଭେ ଜାଣୁ କେଉଁ ଶିଷ୍ୟତ୍ୱ କୌଶଳ ନିଜ ନିଜ ଚର୍ଚ୍ଚରେ ପ୍ରାଧାନ୍ୟ ଦେବା ଏବଂ କାର୍ଯ୍ୟକାରୀ କରି ସ୍ଥିର କରିବା କଷ୍ଟକର ହୋଇପାରେ । ଅନେକ ଥର, ଚର୍ଚ୍ଚର ନେତାମାନେ ଚର୍ଚ୍ଚରୁ ଶିକ୍ଷାଦାନ ଯଥେଷ୍ଟ ବୋଲି ବିଶ୍ୱାସ କରି, କିମ୍ବା ସେମାନେ ଭାବନ୍ତି ଯେ ଅଧିକ ସେବା କାର୍ଯ୍ୟ କିମ୍ବା ଗୃହ ମଣ୍ଡଳୀ ଆୟୋଜନ କରିବା ଏହାର ଉତ୍ତର ଅଟେ ଏବଂ ଏହାକୁ ତାଲିମ ପ୍ରାପ୍ତ ନେତାଙ୍କ ନିକଟରେ ଛାଡ଼ି ଦେଇ ଭୁଲ କରନ୍ତି। ଶିଷ୍ୟତ୍ୱ ପ୍ରକୃତରେ ପ୍ରଭାବଶାଳୀ ହେବା ପାଇଁ ଏକ ସ୍ୱଷ୍ଟ ଦର୍ଶନ, ରଣନୀତି ଏବଂ ଯୋଜନା ରହିବା ଆବଶ୍ୟକ ଯାହା କେବଳ ଆପଣଙ୍କ ଚର୍ଚ୍ଚରେ ବିଶ୍ୱାସୀମାନଙ୍କୁ ସୁଦୃଢ଼ କରିବ ନାହିଁ ବରଂ ବିଶ୍ୱାସୀମାନଙ୍କ ସଂଖ୍ୟାକୁ ମଧ୍ୟ ବୃଦ୍ଧି କରିବ । ଏହା ହେଉଛି ମହାନ ଆଦେଶ ଯାହା ଈଶ୍ୱରଙ୍କ ରାଜ୍ୟକୁ ସୁଦୃଢ଼ ଏବଂ ବୃଦ୍ଧି କରିବ ।

ଆମ୍ଭେମାନେ ପ୍ରାର୍ଥନା କରୁଅଛୁ ଯେ ଏହି ପୁସ୍ତିକା ଶିଷ୍ୟତ୍ୱର ମହତ୍ୱ ଉପରେ ପରମେଶ୍ୱରଙ୍କ ଦୃଷ୍ଟିକୋଣ ଏବଂ ଆପଣଙ୍କ ଚର୍ଚ୍ଚର ଆବଶ୍ୟକତା ପାଇଁ ଏକ ଦର୍ଶନ ଏବଂ ଏକ ସ୍ୱଷ୍ଟ ରଣନୀତି କାର୍ଯ୍ୟକାରୀ କରିବାରେ ଯୋଗାଯୋଗ କରିବ- ପ୍ରଥମେ ଆପଣଙ୍କର ନେତାମାନଙ୍କୁ, ପରେ ଆପଣଙ୍କ ପଲକୁ । ଆମ୍ଭେମାନେ ପ୍ରାର୍ଥନା କରୁଅଛୁ ଯେ ପ୍ରକୃତ ଶିଷ୍ୟତ୍ୱ ପାଇଁ ଈଶ୍ୱରଙ୍କ ଇଚ୍ଛା ଆପଣଙ୍କ ଚର୍ଚ୍ଚ ଦର୍ଶନରେ ଆଗକୁ ପଢିବା ପାଇଁ ପ୍ରେରଣା ହେଉ । ପ୍ରଭୁ ଆପଣଙ୍କର ଉଦ୍ୟମ ଏବଂ ଯୋଜନାକୁ ଆଶୀର୍ବାଦ କରନ୍ତୁ ।

# ବର୍ତ୍ତମାନ ଯୁଗର ଶିଷ୍ୟତ୍ୱ

ପ୍ରଭୁ ଯୀଶୁ ସ୍ୱର୍ଗାରୋହଣ କରିବା ପୂର୍ବରୁ, ସେ ପ୍ରେରିତମାନଙ୍କୁ ଶିଷ୍ୟ କରିବା ଏବଂ ସାଧୁମାନଙ୍କୁ ଈଶ୍ୱରଙ୍କ ବାକ୍ୟରେ ଅନ୍ତର୍ଭୁକ୍ତ ସମସ୍ତ ବିଷୟ ପାଳନ କରିବାକୁ ଶିକ୍ଷା ଦେବା ପାଇଁ ଆଜ୍ଞା ଦେଇଥିଲେ । ଏହି ପ୍ରକ୍ରିୟା ପ୍ରଥମେ ଯୀଶୁଙ୍କ ସାର୍ବଜନୀନ ସେବାକାର୍ଯ୍ୟ ସମୟରେ କାର୍ଯ୍ୟକାରୀ କରିଥିଲେ, ତା'ପରେ ତାହାଙ୍କ ଶିଷ୍ୟମାନେ ଆଦ୍ୟ ମଣ୍ଡଳୀ ସ୍ଥାପନ କରିଥିଲେ । ଖ୍ରୀଷ୍ଟିୟାନ ଭାବରେ, ବର୍ତ୍ତମାନ ଆମ୍ଭେମାନେ ଏହି ସମାନ କାର୍ଯ୍ୟ ପ୍ରାପ୍ତ କରିଅଛୁ- ଶିଷ୍ୟ କରିବା, ଈଶ୍ୱର କିଏ ଏବଂ ତାହାଙ୍କ ନିମନ୍ତେ କିପରି ଜୀବନ ବିତାଇବେ ଲୋକମାନଙ୍କୁ ଶିଖାଇବା ।  ଏହା ଏକ ଆଦେଶ ଯାହା ସମସ୍ତ ବିଶ୍ୱାସୀମାନଙ୍କୁ ଯୁଗର ଶେଷ ପର୍ଯ୍ୟନ୍ତ ଅନୁସରଣ କରିବାକୁ କୁହନ୍ତି- ପୃଥିବୀରେ ଏହା ଆମ୍ଭମାନଙ୍କ ସେବାକାର୍ଯ୍ୟ ଜୀବନର ଲକ୍ଷ ଅଟେ । କିନ୍ତୁ ବର୍ତ୍ତମାନ କେତୋଟି ଚର୍ଚ୍ଚ ଯୀଶୁଙ୍କ ଆଦେଶକୁ ସମ୍ପୂର୍ଣ ବୁଝି କାର୍ଯ୍ୟ କରୁଛନ୍ତି ? ଦୁଃଖର ବିଷୟ, ଅତି ଅଳ୍ପ ଚର୍ଚ୍ଚ । କ'ଣ ଚାଲିଛି? କିଏ ବା  କ'ଣ ଦାୟୀ ? ବିଶ୍ୱାସୀମାନଙ୍କ ଅଳସ୍ୟତା କିମ୍ବା ଆମ୍ଭେମାନେ ବାସ କରୁଥିବା ଦୁନିଆରେ ପ୍ରଲୋଭନ ଏବଂ ବିଭ୍ରାନ୍ତର ସମ୍ମୁଖୀନ ହେବାବେଳେ କେବଳ ଈଶ୍ୱରଙ୍କ ଇଚ୍ଛାକୁ ମାନିବାକୁ ଅନିଚ୍ଛା ପାଇଁ ଚର୍ଚ୍ଚର ନେତୃତ୍ୱ ଦାୟୀ ହୋଇପାରେ । କିନ୍ତୁ ପ୍ରକୃତ ସମସ୍ୟା ଆଳସ୍ୟତା କିମ୍ବା ଆମ୍ଭମାନଙ୍କ ଚର୍ଚ୍ଚ ଏବଂ ପରିବାର ବାହାରେ ଯାହା ଘଟୁଅଛି ତାହା ନୁହେଁ  ବରଂ ଆମ୍ଭମାନଙ୍କ ଚର୍ଚ୍ଚ ଓ ପରିବାର ଭିତରେ ଯାହା ଘଟୁ ନାହିଁ ତାହା ଅଟେ ।

ଆମ୍ଭେମାନେ ବର୍ତ୍ତମାନ ଯୁଗର ଶିଷ୍ୟତ୍ୱ ସହିତ ସମସ୍ୟାଗୁଡ଼ିକୁ ତିନୋଟି ମୁଖ୍ୟ ସମସ୍ୟାକୁ ସଂକୀର୍ଣ୍ଣ କରିଅଛୁ:

୧. ଆମ୍ଭମାନଙ୍କ ସମ୍ପର୍କ ନିମନ୍ତେ ଈଶ୍ୱରଙ୍କ ପ୍ରାଥମିକ କର୍ମ ବିଷୟରେ ବୁଝିବାର ଅଭାବ;

୨. ପ୍ରକୃତ ଶିଷ୍ୟତ୍ୱ  ବିଷୟରେ ସାଧାରଣ  ବୁଝାମଣାର ଅଭାବ;

୩. ଆମ୍ଭମାନଙ୍କ ନିଜ ଚର୍ଚ୍ଚ ଏବଂ ଗୃହ ମଧ୍ୟରେ ଉଦ୍ଦେଶ୍ୟର ଅଭାବ ।

## ଈଶ୍ୱରଙ୍କ ପ୍ରାଥମିକତାକୁ ବୁଝିବାର ଅଭାବ

ସୁସମାଚାର ପ୍ରଚାର ମାଧ୍ୟମରେ ଲୋକଙ୍କୁ ଖୋଜିବା ଏବଂ ବଞ୍ଚାଇବା ପାଇଁ ପ୍ରଚାର କରୁଥିବା ଚର୍ଚ୍ଚଗୁଡ଼ିକ ମାଥିଉ ୨୮: ୧୯-୨୦ କୁ ଯୀଶୁଙ୍କ ମହାନ ଆଦେଶ ଭାବେ ଗ୍ରହଣ କରନ୍ତି । କିନ୍ତୁ ଖ୍ରୀଷ୍ଟଙ୍କ ଶରୀରରେ ଥିବା ଅନେକ ବିଶ୍ୱାସୀ ଏବଂ ସେମାନଙ୍କ ପରିବାରର ଆତ୍ମିକ ଅବସ୍ଥା ନିମ୍ନ ବାସ୍ତବତାକୁ ପ୍ରତିଫଳିତ କରେ ଯେ ଅଳ୍ପ ଖ୍ରୀଷ୍ଟିୟାନମାନଙ୍କୁ କେବଳ ସଠିକ ଭାବରେ ଶିଷ୍ୟ କରାଯାଇଅଛି । ଉପଯୁକ୍ତ ଅଗ୍ରାଧିକାର କର୍ମରେ ଈଶ୍ୱର ସେମାନଙ୍କୁ ଦେଇଥିବା ବିଷୟର ପ୍ରକୃତ ଦାୟିତ୍ୱ କ'ଣ ସେମାନେ ଜାଣନ୍ତି ନାହିଁ; ତାହା ହେଉଛି "ମୁଁ ଯେଉଁ ଆଦେଶ ଦେଇଅଛି, ତାହା

ପାଳନ କରିବା ପାଇଁ" ଯାହା ଦ୍ୱାରା ସେମାନେ ନିଜ ଜୀବନରେ ଈଶ୍ୱର, ସେମାନଙ୍କ ଜୀବନସାଥୀ, ପିଲା ଏବଂ ଅନ୍ୟ ଲୋକଙ୍କ ସହିତ ସଫଳୀକୃତ ଭାବରେ ଜୀବନ ଜାପାନ କରିପାରିବେ ।

ଆଜି, ଅନେକ ଖ୍ରୀଷ୍ଟିୟାନ ଈଶ୍ୱରଙ୍କ ଶକ୍ତିରେ ଚାଲୁ ନାହାନ୍ତି କାରଣ ସେମାନେ ଯୀଶୁଙ୍କଠାରେ ପ୍ରତିଦିନ ରହିବାର ମହତ୍ତ୍ୱ କିମ୍ବା ଆବଶ୍ୟକତାକୁ ଜାଣନ୍ତି ନାହିଁ (ଯୋହନ ୧୫: ୭) । ଏହି କାରଣରୁ, ଖ୍ରୀଷ୍ଟିୟାନ ପରିବାରଗୁଡ଼ିକ ଅବହେଳାର ନାକାରାତ୍ମ ଫଳ ଅମଳ କରୁଛନ୍ତି । ଆମ୍ଭେମାନେ ଏହାକୁ ଛାଡ଼ପତ୍ର ଆକାରରେ ଦେଖିପାରୁ, ଯାହା ଅଣ-ଖ୍ରୀଷ୍ଟିୟାନମାନଙ୍କ ଛାଡ଼ପତ୍ରର ହାରକୁ ଶୀଘ୍ର ଅତିକ୍ରମ କରିଥାଏ ଏବଂ ଆମ୍ଭେମାନେ ଏହାକୁ ଆମ୍ଭ ପିଲାମାନଙ୍କଠାରୁ ମଧ୍ୟ ଦେଖିପାରିବା । ଖ୍ରୀଷ୍ଟିୟାନ ପରିବାରରୁ ଅଧିକରୁ ଅଧିକ ପିଲାମାନେ ଡ୍ରଗ୍ସ, ମଦ୍ୟପାନରେ ଆସକ୍ତ ରହୁଛନ୍ତି ଏବଂ ବ୍ୟଭିଚାର ଏବଂ ଅସ୍ୱାସ୍ଥ୍ୟକର କାର୍ଯ୍ୟରେ ଲିପ୍ତ ଅଛନ୍ତି । ପିତାମାତା ଏବଂ ଅଭିଭାବକଙ୍କ ବିରୋଧରେ ବିଦ୍ରୋହ ଏବଂ ଅସମ୍ମାନ ପରିବାରରେ ବର୍ତ୍ତମାନ ସାଧାରଣ କିଶୋର/କିଶୋରୀମାନଙ୍କର ଆଚରଣ ଭାବରେ ବିବେଚନା କରାଯାଏ, ଏପରିକି ଚର୍ଚ୍ଚରେ ମଧ୍ୟ ଏହା ଦେଖିବାକୁ ମିଳେ । ସତ୍ୟତା ହେଉଛି, ଅନେକ ଖ୍ରୀଷ୍ଟିୟାନ ଆତ୍ମିକ ଭାବରେ ଦୁର୍ବଳ, ଏବଂ ଆମ୍ଭମାନଙ୍କ ପରିବାର ସାଂଘାତିକ ସମସ୍ୟାରେ ଅଛନ୍ତି ।

ଆଦ୍ୟରେ ପରମେଶ୍ୱର ଆଦମ ଓ ହବାଙ୍କୁ ସୃଷ୍ଟି କଲେ, ସେ ପରିବାର ସୃଷ୍ଟି କରିଥିଲେ । ଏହା ସ୍ପଷ୍ଟ ଯେ ପାରିବାରିକ ଏକକ ତାହାଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଏବଂ ଏହା ଚର୍ଚ୍ଚର ଶିଷ୍ୟତ୍ୱ ରଣନୀତି ବିଷୟରେ ମଧ୍ୟ ପ୍ରାଥମ ହେବା ଉଚିତ । ଆଜି ଚର୍ଚ୍ଚର ଅନେକ ପରିବାରଗୁଡ଼ିକ ବିଫଳ ହେଉଅଛନ୍ତି । ଖ୍ରୀଷ୍ଟିୟାନମାନେ ଏକ ସ୍ୱାସ୍ଥ୍ୟ ପରିବାରର ଗଠନ ଏବଂ ପରିଚାଳନା ପାଇଁ ଈଶ୍ୱର ସେମାନଙ୍କୁ ଦେଇଥିବା ନିର୍ଦ୍ଦେଶଗୁଡ଼ିକ ବିଷୟରେ ଅଜ୍ଞ ଅଟନ୍ତି । ଚର୍ଚ୍ଚଗୁଡ଼ିକ ଉଦ୍ଦେଶ୍ୟମୂଳକ ଭାବରେ ଏହି ସମସ୍ୟାଗୁଡ଼ିକୁ ଅଣଦେଖା କରୁଅଛନ୍ତି, ସେମାନଙ୍କର ପରିବାର ସେବାକାର୍ଯ୍ୟ ଓ ଶିଷ୍ୟତ୍ୱ ଆଦର୍ଶ ବିଷୟରେ ଦର୍ଶନର ଅଭାବ ରହିଅଛି ଏବଂ ବିଶ୍ୱାସୀମାନଙ୍କୁ ସଫଳତା ନିମନ୍ତେ ପ୍ରସ୍ତୁତ କରିବା ପାଇଁ ବାଇବଲର ରଣନୀତିକୁ ବ୍ୟାଖ୍ୟା କରୁନାହାନ୍ତି । ଚାକିରି, ଅଭ୍ୟାସ କିମ୍ବା ଚର୍ଚ୍ଚରେ ସେବା କରିବା ଅପେକ୍ଷା ଈଶ୍ୱର ଆମ୍ଭମାନଙ୍କ ପରିବାର ପ୍ରତି ଯତ୍ନ ନେବାକୁ ଅଧିକ ଗୁରୁତ୍ୱପୂର୍ଣ୍ଣ ମନେ କରନ୍ତି । ତଥାପି ଅଧିକାଂଶ ବିଶ୍ୱାସୀ ଏହିପରି ଜୀବନଯାପାନ କରନ୍ତି ନାହିଁ ଏବଂ ପାରିବାରିକ ଜୀବନରେ ବାଇବଲ ଭିତିକ ଶିଷ୍ୟତ୍ୱ ବିଷୟରେ ସତ୍ୟ ଦ୍ୱାରା ବ୍ୟବହାର କେବେବି କରିନାହାନ୍ତି । ପାରିବାରିକ ଏକକ ହେଉଛି ସ୍ୱାମୀ ଓ ସ୍ତ୍ରୀଙ୍କ ପାଇଁ ସେବାକାର୍ଯ୍ୟର ଅଗ୍ରଭାଗ, ଏବଂ ବାଇବଲରେ ଦିଆଯାଇଥିବା ନିର୍ଦ୍ଦେଶଗୁଡ଼ିକକୁ ଅନୁସରଣ କରି କିପରି ଏହି ଦାୟିତ୍ୱଗୁଡ଼ିକକୁ ସଫଳ କରିବା ସେହି ବିଷୟରେ ଜ୍ଞାତ ହେବା ନିମନ୍ତେ ଏବଂ ଅନୁସରଣ କରିବା ନିମନ୍ତେ କୁହନ୍ତି । ଏହା ପରିବାରରେ ଆରମ୍ଭ ହୋଇଥାଏ । ଏହା ସେହି ଠାରୁ ହିଁ ଆରମ୍ଭ କରିବା ।

## ପ୍ରକୃତ ଶିଷ୍ୟତ୍ୱ ବିଷୟରେ ସାଧାରଣ ବୁଝାମଣାର ଅଭାବ

ଯଦି ଆପଣ ଜଣେ ସାଧାରଣ ଖ୍ରୀଷ୍ଟିୟାନଙ୍କୁ ଶିଷ୍ୟତ୍ୱ ବିଷୟରେ ବ୍ୟାଖ୍ୟା କରିବାକୁ କହିଲେ, ସେମାନେ ସମ୍ଭବତ କହିବେ ଯେ ଏହା ନୂତନ ବିଶ୍ୱାସୀମାନଙ୍କ ପାଇଁ ଏକ ଶିକ୍ଷା ଅଟେ ଯେଉଁଠାରେ ସେମାନେ ବିଶ୍ୱାସର ମୂଳ ତତ୍ତ୍ୱଗୁଡ଼ିକ ଶିଖିଲେ । ଏହା, ଅବଶ୍ୟ, ଅତ୍ୟନ୍ତ ଗୁରୁତ୍ୱପୂର୍ଣ, କିନ୍ତୁ ବିଶ୍ୱାସର ମୂଳତତ୍ତ୍ୱଠାରୁ ଅତି ଅଧିକ । ଶିଷ୍ୟ ହେବା ଅର୍ଥ ହେଉଛି ଯୀଶୁଙ୍କ ପରି ହେବା ପାଇଁ ଶିଖିବା -ସେ ଯେଉଁ ସମସ୍ତ ବିଷୟ ଆମ୍ଭମାନଙ୍କୁ ଦେଇଅଛନ୍ତି ତାହାକୁ ଯେପରି ସଠିକ ଭାବରେ ଯତ୍ନ ନେଉ ଏବଂ ତାହାଙ୍କ ଅନୁଗ୍ରହ ଦ୍ୱାରା ସମସ୍ତ ନିର୍ଦ୍ଦେଶାବଳୀକୁ ପାଳନ କରୁ । ଆଶା ହେଉଅଛି, ପରିପକ୍ୱତାର ଏକ ନିର୍ଦ୍ଦିଷ୍ଟ ସମୟ ଯେତେବେଳେ ଜଣେ ଛାତ୍ର ଅନ୍ୟମାନଙ୍କୁ ଶିଷ୍ୟ କରିବା ଆରମ୍ଭ କରିବ ।

ମାଥିଉ ୨୮: ୧୯-୨୦ ମଧ୍ୟରେ, ଯୀଶୁ ଚର୍ଚ୍ଚର ମୂଳ ଉଦ୍ଦେଶ୍ୟ ଏବଂ ମୌଳିକ ବିଷୟକୁ ପ୍ରକାଶ କଲେ- ତାହା ହେଉଛି "ମହାନ ଆଦେଶ" । ଏହି ସତ୍ୟକୁ ଦୃଷ୍ଟିରେ ରଖି ଆମ୍ଭେମାନେ ଏକ ଗୁରୁତ୍ୱପୂର୍ଣ ପ୍ରଶ୍ନକୁ ବିଚାର କରିବା ଆବଶ୍ୟକ । ଯଦ୍ୟପି ଶିଷ୍ୟ କରିବା ହେଉଛି ଚର୍ଚ୍ଚର ମୁଖ୍ୟ ଉଦ୍ଦେଶ୍ୟ ଓ ପ୍ରାଥମିକ ବୋଲି ଅନୁମାନ କରାଯାଏ, ତେବେ ଆଜିର ବିଶ୍ୱାସୀମାନେ ଜଣେ ଶିଷ୍ୟ କ'ଣ ଏବଂ ପ୍ରକୃତରେ ଶିଷ୍ୟତ୍ୱର ଅର୍ଥ ବିଷୟରେ ଅଜ୍ଞ  କାହିଁକି ? ଏବଂ ଯଦି ସେମାନେ କରନ୍ତି, ସେମାନେ କାହିଁକି ଏହି ଆହ୍ୱାନର ଉତ୍ତର ଦେଇ ନାହାନ୍ତି ?

ଆମ୍ଭମାନଙ୍କ ପ୍ରଭୁଙ୍କର ଆଜ୍ଞା ତାହାଙ୍କ ପିତାଙ୍କ ସଂପୂର୍ଣ୍ଣ ଇଚ୍ଛାରେ ଥିଲା । ଯୀଶୁଙ୍କ ମହାନ ଆଦେଶ ଆଜିର ବ୍ୟକ୍ତିଗତ ବିବରଣ ଅନୁସାରେ, "ଆମ୍ଭମାନଙ୍କୁ କାର୍ଯ୍ୟ କରିବାକୁ ପଡ଼ିବ ! ଅନ୍ୟ ଲୋକମାନେ ଖ୍ରୀଷ୍ଟଙ୍କ ବିନା ମରୁଛନ୍ତି; ଆମ୍ଭେମାନେ ଯାଇ ସେମାନଙ୍କୁ ଈଶ୍ୱରଙ୍କ ବିଷୟରେ କହିବା ଉଚିତ ।" ଏହା ସଂପୂର୍ଣ୍ଣ ସତ୍ୟ, କିନ୍ତୁ ୧୯ ଓ ୨୦ ପଦଗୁଡିକ କ'ଣ କୁହେ- "ଶିକ୍ଷାଦାନ" ବିଷୟରେ ? ଈଶ୍ୱରଙ୍କ ବାକ୍ୟର ଛାତ୍ର ଅନୁସାରେ, ଅର୍ଥାତ ଯେପରି ଖ୍ରୀଷ୍ଟଙ୍କ ବିଶ୍ୱାସୀ ଓ ଅନୁସରଣକାରୀ ଭାବରେ ଆମ୍ଭମାନଙ୍କ ପ୍ରତି ଥିବା ତାହାଙ୍କ ସଂପୂର୍ଣ୍ଣ ଇଚ୍ଛା ସକାଶେ ଆମ୍ଭେମାନେ କାର୍ଯ୍ୟ କରିବା ଆବଶ୍ୟକ, ପ୍ରତ୍ୟେକ ଦିନ ବିଶ୍ୱାସରେ ବର୍ଦ୍ଧିଷ୍ଣୁ ହେବ ଏବଂ ବ୍ୟକ୍ତିଗତ ଜୀବନନରେ ଓ ତାହାଙ୍କ ସହିତ ଆମ୍ଭମାନଙ୍କ ସମ୍ପର୍କରେ ଈଶ୍ୱରଙ୍କ ପ୍ରାଥମିକତା କାର୍ଯ୍ୟ କରୁଛି କି ନାହିଁ ତାହା ଆମ୍ଭେମାନେ ପରୀକ୍ଷା କରିବା ଆବଶ୍ୟକ, ଆମ୍ଭମାନଙ୍କର ଆବଶ୍ୟକତାକୁ ପୂରଣ କରିବେ ଏବଂ ଆମ୍ଭମାନଙ୍କର ପ୍ରାଧାନ୍ୟ ବିଷୟଗୁଡ଼ିକ ତାହାଙ୍କ ଇଛା ଅନୁସାରେ ହେଉ ବୋଲି ପ୍ରଭୁଙ୍କଠାରେ ଏକ ଥର ବିଶ୍ୱାସ କରୁଅଛୁ ତେବେ  ସେ ଅନ୍ୟମାନଙ୍କୁ ଶିଷ୍ୟ କରିବା ପାଇଁ ପଥ ଖୋଲିବେ । ଏହା ହେଉଛି ଖ୍ରୀଷ୍ଟଙ୍କ  ହୃଦୟରେ ଥିବା ମହାନ ଆଦେଶର ଅର୍ଥ ।

## ଆମ୍ଭମାନଙ୍କ ନିଜ ଚର୍ଚ୍ଚ ଏବଂ ଗୃହ ମଧ୍ୟରେ ଉଦ୍ଦେଶ୍ୟର ଅଭାବ ।

ଶିଷ୍ୟତ୍ୱ ଇଚ୍ଛାଧୀନ ନୁହେଁ । ସମସ୍ତ ଚର୍ଚ୍ଚ ଓ ବିଶ୍ୱାସୀମାନେ ନିଶ୍ଚିତ ଭାବରେ ବୁଝିବା ଉଚିତ ଯେ ଆମକୁ ଶିଷ୍ୟତ୍ୱର ଦାୟିତ୍ୱ ଦିଆଯାଇଅଛି, ଈଶ୍ୱରଙ୍କଠାରୁ ଏକ ପ୍ରକୃତ ଆହ୍ୱାନ, କିନ୍ତୁ ସେମାନେ ତାହା କରନ୍ତି ନାହିଁ । କାହିଁକି ? କାରଣ ସେମାନେ ଏହି "ଶିଷ୍ୟ କରିବା" ପ୍ରକ୍ରିୟାର ପ୍ରକୃତ ଉଦ୍ଦେଶ୍ୟ ଏବଂ ସ୍ୱଭାବକୁ ବୁଝନ୍ତି ନାହିଁ ।  ମାଥିଉ ୨୮ ପର୍ବରେ ଏହା କ'ଣ ବୋଲି ଯୀଶୁ ଆମ୍ଭମାନଙ୍କୁ କୁହନ୍ତି । ଚାଲନ୍ତୁ ଦେଖିବା ।

> ଅତଏବ, ତୁମ୍ଭେମାନେ ଯାଇ ସମସ୍ତ ଜାତିର ଲୋକଙ୍କୁ ପିତା, ପୁତ୍ର ଓ ପବିତ୍ର ଆତ୍ମାଙ୍କ ନାମରେ ବାପ୍ତିସ୍ମ ଦେଇ, ମୁଁ ତୁମ୍ଭମାନଙ୍କୁ ଯେଉଁ ଯେଉଁ ଆଜ୍ଞା ଦେଇଅଛି, ସେହିସବୁ ପାଳନ କରିବାକୁ ଶିକ୍ଷା ଦେଇ ସେମାନଙ୍କୁ ଶିଷ୍ୟ କର; ଆଉ ଦେଖ, ଯୁଗାନ୍ତ ପର୍ଯ୍ୟନ୍ତ ସଦାସର୍ବଦା ମୁଁ ତୁମ୍ଭମାନଙ୍କ ସଙ୍ଗେ ସଙ୍ଗେ ଅଛି ।

ଏହି ବାକ୍ୟ ମୂଳ ଭାଷା ଗ୍ରୀକରେ ଲେଖାଯାଇଥିଲା ଏବଂ ଏହା ଅତ୍ୟନ୍ତ ଉଦ୍ଦିଷ୍ଟ ଅଟେ । "ଶିଷ୍ୟ କର" ହେଉଛି ଏକ କ୍ରିୟାର ଅନୁବାଦ, ଓ ଅବଶିଷ୍ଟ ବାକ୍ୟ ଏହି କାର୍ଯ୍ୟକୁ ସମର୍ଥନ କରେ । "ଯାଅ," "ବାପ୍ତିସ୍ମ  ଦିଅ," ଏବଂ "ଶିକ୍ଷାଦିଅ" ହେଉଛି ସମସ୍ତ ଅଂଶଗ୍ରହଣକାରୀ ଯାହା ଶିଷ୍ୟମାନଙ୍କ ନିର୍ମାଣକୁ ଦର୍ଶାଏ । ଆହୁରି ମଧ୍ୟ ଯୀଶୁଙ୍କ ମହାନଆଦେଶରେ ମୁଖ୍ୟ ଗୁରୁତ୍ୱ ହେଉଛି ଏକ ଅପରିହାର୍ଯ୍ୟ କ୍ରିୟା, ଯାହାର ଅର୍ଥ ହେଉଛି ଏକ ଆଜ୍ଞା କିମ୍ବା ଆଦେଶ ଦେବା, ଯାହା ସୁଚାଇଥାଏ ଯେ ଶିଷ୍ୟ କରିବା ହେଉଛି "କରିବା ଏବଂ କାର୍ଯ୍ୟକୁ କ୍ରମାଗତ ଭାବରେ ଜାରି ରଖିବା ।" ତେଣୁ, ଈଶ୍ୱର ଆମ୍ଭମାନଙ୍କୁ କ୍ରମାଗତ ଭାବରେ ଶିଷ୍ୟତ୍ୱ ବିଷୟରେ ଉଦ୍ଦେଶ୍ୟମୂଳକ  ହେବାକୁ ନିର୍ଦ୍ଦେଶ ଦିଅନ୍ତି । ପ୍ରତ୍ୟେକ ଚର୍ଚ୍ଚ ପ୍ରତ୍ୟେକ ବିଶ୍ୱାସୀମାନଙ୍କୁ ଯିବା, ବାପ୍ତିଜିତ କରିବା ଏବଂ ଶିକ୍ଷା ଦେବା ପାଇଁ ଏହି ଆଦେଶ ଦିଆଯାଇଅଛି । କିନ୍ତୁ ଆଜି ଏହା ଆଦର୍ଶ ସ୍ୱରୂପ ନୁହେଁ ।

ଆମ୍ଭେମାନେ ଯାହା ପାଇଲୁ, ସାଧାରଣ ଭାବରେ କହିବାକୁ ଗଲେ ଏହି ବାକ୍ୟଟି ମୁଖ୍ୟତ ଅନ୍ୟମାନନଙ୍କ ସହିତ ପରିତ୍ରାଣର ସୁସମାଚାର ବାଣ୍ଟିବା ଏବଂ ଖ୍ରୀଷ୍ଟୀୟ ସେବା କ୍ଷେତ୍ର ଭାବରେ ଲୋକମାନଙ୍କୁ ବିବେଚନା କରିବା ନିମନ୍ତେ ଉତ୍ସାହିତ କରିଥାଏ । ଚର୍ଚ୍ଚ ଏବଂ ସେବାକାର୍ଯ୍ୟର ସଂଗଠନ ବିଶ୍ୱାସୀମାନଙ୍କୁ ସମର୍ଥନ କରେ ଯେପରି ସେମାନେ ସ୍ୱଇଚ୍ଛାରେ ବିଭିନ୍ନ ଜାତି ନିକଟକୁ ଯାଇ ବିନଷ୍ଟ ହେଉଥିବା ଲୋକଙ୍କୁ ଏକ ଖୁସି ଖବର ବିତରଣ କରିବାକୁ ଯାଉଅଛନ୍ତି । ପାପ, ଓ ଏହା ଭଲ ! କିନ୍ତୁ ଏହି ପଦରେ ଆଉ ଏକ ସମାନ ଗୁରୁତ୍ୱପୂର୍ଣ୍ଣ ସତ୍ୟ ପ୍ରକାଶ ପାଇଅଛି- ଯାହା ଆଜି ବିଶ୍ୱାସୀ ଏବଂ ଚର୍ଚ୍ଚ ଗୁଡ଼ିକ ମଧ୍ୟରେ ହଜିଯାଇଅଛି । ବର୍ତ୍ତମାନ ଆମ୍ଭର ଲୋକମାନେ ଅଛନ୍ତି ଯେଉଁମାନେ ଆମ୍ଭ ନିଜ ଚର୍ଚ୍ଚ ଏବଂ ଗୃହ ମଧ୍ୟରେ ସଂଘର୍ଷ କରୁଅଛନ୍ତି, ଯେଉଁମାନେ ଏହି ସତ୍ୟର ଉଦ୍ଦେଶ୍ୟ ଆବଶ୍ୟକ କରନ୍ତି । ଯୀଶୁଙ୍କ ଆଦେଶ କେବଳ ଦୂର ଦେଶମାନଙ୍କରେ ନୁହେଁ, ଆମ୍ଭର ସ୍ଥାନୀୟ କ୍ଷେତ୍ରକୁ ମଧ୍ୟ ଅନ୍ତର୍ଭୁକ୍ତ କରେ ।

ଏହି ସମସ୍ୟାଗୁଡ଼ିକ ଗଭୀର ଏବଂ ଭାରୀ ଅଟେ । ସେଥିପାଇଁ ଏଫ ଡି ଏମ (FDM) ଏକ ଶିଷ୍ୟତ୍ୱ ପ୍ରକ୍ରିୟାକୁ ଏକତ୍ର କରିଛି ଯାହା ଏହି ସମସ୍ୟାର ସମାଧାନ ଉପରେ ଧ୍ୟାନ ଦେଇଥାଏ । ଆମ୍ଭମାନଙ୍କ ଚର୍ଚ୍ଚ ଓ ପରିବାରରେ ଆପଣ କିପରି ମହାନ ଆଦେଶକୁ ଫଳପ୍ରଦ କରିପାରିବେ ତାହା ଆପଣଙ୍କୁ ଦେଖାଇବା ।

# ସମ୍ବନ୍ଧୀୟ ପ୍ରାଥମିକତାକୁ ଏକ ଧାଡ଼ିରେ କରିବା

କାରଣ ଆମ୍ଭେମାନେ ବିଶ୍ୱାସ କରୁ ଯେ ଏହି ଶିଷ୍ୟକରିବା କାର୍ଯ୍ୟ ହେଉଛି ଅଭିବୃଦ୍ଧି ପାଇଁ ଜରୁରୀ ଅଟେ ଯାହା ଈଶ୍ୱର ତାହାଙ୍କ ସନ୍ତାନମାନଙ୍କଠାରେ ଦେଖିବାକୁ ଚାହାନ୍ତି, ପ୍ରଭୁ ଯେପରି ଆମ୍ଭମାନଙ୍କୁ ପରିଚାଳିତ କରିଅଛନ୍ତି ସେହିପରି ଆମ୍ଭେମାନେ ସାମଗ୍ରୀଗୁଡ଼ିକ ବିକାଶ କରିଅଛୁ । ଯଦି ଆପଣମାନଙ୍କ ଚର୍ଚ୍ଚରେ ବିଶ୍ୱାସର ମୌଳିକତା ବର୍ଣ୍ଣନା କରୁଥିବା ଏକ ଉତ୍ତମ, ବାଇବଲର ଶିଷ୍ୟତ୍ୱ କାର୍ଯ୍ୟ ପୁସ୍ତିକା ନାହିଁ , ତେବେ ଆମ୍ଭେ ଏହି ଉଦ୍ଦେଶ୍ୟ ନିମନ୍ତେ *ଖ୍ରୀଷ୍ଟୀୟ ସତ୍ୟ ଭିତ୍ତିମୂଳ* (ଖ୍ରୀଷ୍ଟିୟାନ ଫାଉଣ୍ଡେସନାଲ ଟୃଥ) ନାମକ ଏକ କାର୍ଯ୍ୟପୁସ୍ତକ କାର୍ଯ୍ୟକୁ ଆରମ୍ଭ କରିବା ନିମନ୍ତେ ପ୍ରଦାନ କରୁଅଛୁ, ଯାହା ଆମ୍ଭମାନଙ୍କ ୱେବସାଇଟ (www.FDM.world କିମ୍ବା www. discipleshipworkbooks.com) ରେ  ମାଗଣାରେ ଉପଲବ୍ଧ ରହିଅଛି ।

ପ୍ରକୃତ ଶିଷ୍ୟତ୍ୱ ପାଇଁ ଏଫ ଡି ଏମ (FDM) ତିନୋଟି ମୁଖ୍ୟ ଗୁଣକୁ ପ୍ରକାଶ କରେ:

ଭାଗ 1: ସମ୍ବନ୍ଧୀୟ ପ୍ରାଥମିକତାକୁ  ଏକ ଧାଡ଼ିରେ କରିବା

ଭାଗ 2: ପ୍ରକୃତ ଶିଷ୍ୟତ୍ୱକୁ ବୁଝିବା

ଭାଗ 3: ଉଦ୍ଦେଶ୍ୟମୂଳକ ଯୋଗଯାଗ ମାଧ୍ୟମରେ ଖ୍ରୀଷ୍ଟଙ୍କ ଉଦାହରଣକୁ ଗ୍ରହଣ କରିବା:

ପ୍ରତ୍ୟେକ ନେତାଙ୍କୁ ଶିଷ୍ୟ କର ।

ପ୍ରତ୍ୟେକ ବିଶ୍ୱାସୀଙ୍କୁ ଶିଷ୍ୟ କର ।

## ଆମର ପ୍ରାଥମିକତାକୁ ଏକ ଧାଡ଼ିରେ କରିବା

ପ୍ରକୃତ ଶିଷ୍ୟତ୍ୱର ଏକ ପ୍ରାଥମିକ ଲାଭ ହେଉଛି ବିଶ୍ୱାସୀଙ୍କୁ ପରସ୍ପର ସହିତ ସଂଯୁକ୍ତ ଏବଂ ଉତ୍ତରଦାୟୀ ରଖିବା, ଯାହା ବାକ୍ୟର ଶିକ୍ଷା ସହିତ ଅନୁରୂପ ଅଟେ । ଆମ୍ଭେମାନେ କେବଳ ବାକ୍ୟ ଶୁଣୁ ଈଶ୍ୱର ତାହା ଚାହାନ୍ତି ନାହିଁ, କିନ୍ତୁ ସେ ଆମ୍ଭମାନଙ୍କୁ ବାକ୍ୟର ଅନୁସନ୍ଧାନ କରିବାକୁ ନିର୍ଦ୍ଦେଶ ଦିଅନ୍ତି ଯାହା ଦ୍ୱାରା ଆମ୍ଭେମାନେ ଅନ୍ୟମାନଙ୍କୁ ସେମାନଙ୍କର ବିଶ୍ୱାସ ଯାତ୍ରାରେ ସାହାଯ୍ୟ କରିବାକୁ ପ୍ରସ୍ତୁତ ହୋଇପାରିବା । ଈଶ୍ୱର ଆମ୍ଭ ପରସ୍ପରକୁ ଆମ୍ଭମାନଙ୍କର ପାପ ସ୍ୱୀକାର କରିବାକୁ, ପରସ୍ପର ପାଇଁ ପ୍ରାର୍ଥନା କରିବାକୁ ଏବଂ ଖ୍ରୀଷ୍ଟଙ୍କ ଅନୁଗାମୀ ଭାବରେ ଅର୍ଥାତ ଖ୍ରୀଷ୍ଟିୟାନ ଭାବରେ ଏହି ଜୀବନରେ ପରସ୍ପରକୁ ସାହାଯ୍ୟ କରିବାକୁ ମଧ୍ୟ କୁହନ୍ତି । ଏହାକୁ ଉତ୍ତମ ଭାବରେ କରିବା ପାଇଁ ବ୍ୟକ୍ତିଗତ ସମ୍ପର୍କ ଅର୍ଥାତ ସହଭାଗୀତ କିମ୍ବା ବାରମ୍ବାର ଏକାଠି  ହେବା ଆବଶ୍ୟକ ରହିଅଛି । ସମ୍ପର୍କ କରିବାର ଏକ ସଠିକ ଉପାୟ ଅଛି । ଆମ୍ଭ ଜୀବନର ସମସ୍ତ ଲୋକ ସମାନ ଓଜନ କିମ୍ବା ପ୍ରାଥମିକତା ବହନ କରନ୍ତି ନାହିଁ  । ଈଶ୍ୱରଙ୍କ ଇଚ୍ଛା ସହିତ ଆମ୍ଭର ପ୍ରାଥମିକ ସଂପର୍କକୁ ସମାନ କରିବା ଆବଶ୍ୟକ, ଯାହା ଶିଷ୍ୟତ୍ୱ ଯୋଜନାର ପ୍ରଥମ ଭାଗ ଅଟେ ।

ଈଶ୍ୱରଙ୍କଠାରୁ ଆରମ୍ଭ କରି ଅନ୍ୟମାନଙ୍କ ଉପରେ କିଏ ପ୍ରାଧାନ୍ୟତା ଦେବା ଉଚିତ ସେ ବିଷୟରେ ବାଇବଲ ସ୍ପଷ୍ଟ ଅଟେ ।

ଅନେକ ଲୋକ କଲେଜରେ ପଢିବା, ଅଧ୍ୟୟନ କରିବା ଓ ବୃତ୍ତୀ ପାଇଁ ପରାମର୍ଶ ଦେବା ନିମନ୍ତେ ଅନେକ ସମୟ ଅତିବାହିତ କରନ୍ତି । ସେମାନେ ଉନ୍ନତିର ଉପାୟ ଖୋଜନ୍ତି ଯାହା ଦ୍ୱାରା ସେମାନେ ପଦୋନ୍ନତି ଏବଂ ଅଧିକ ପ୍ରତିଯୋଗିତାର ଚାକିରି ପାଇଁ ଆଗ୍ରହ ପ୍ରକାଶ କରିପାରିବେ । କ୍ରୀଡ଼ା, କସରତରେ ଉନ୍ନତ ହେବା ପାଇଁ ଆମ୍ଭର ଅଭ୍ୟାସ, ଓ ଆମର ଶାରୀରିକ ସ୍ୱାସ୍ଥ୍ୟ ବଞ୍ଚାଇବା ପାଇଁ ସୂଚନା ପଠନ କରୁ । କିନ୍ତୁ ଆମ୍ଭମାନଙ୍କୁ ସୃଷ୍ଟି କରିଥିବା ଈଶ୍ୱରଙ୍କୁ ଜାଣିବା ପାଇଁ ଆମ୍ଭେମାନେ କେତେ ସମୟ ପରିଶ୍ରମ କରୁଅଛୁ - ଏହି ଗୃହରେ ଜୀବନର ପ୍ରତ୍ୟେକ ଦିଗ ଉପରେ ସର୍ବଭୌମ ଅଟନ୍ତି ?

ଖ୍ରୀଷ୍ଟଙ୍କ ଶିଷ୍ୟ ଭାବରେ, ଆମ୍ଭେ ଆମ୍ଭମାନଙ୍କ ସମ୍ପର୍କର ସଠିକ ପ୍ରାଥମିକତା ବୁଝିବା ଆବଶ୍ୟକ, ଏବଂ ତା'ପରେ ଆମ୍ଭମାନଙ୍କୁ ସେହି ଜିନିଷଗୁଡିକ ପ୍ରତି ଧାର୍ମିକ ପଥରେ ଯତ୍ନ ନେବା ପାଇଁ ଶିଖିବା ଆବଶ୍ୟକ । "ଯତ୍ନ ନେବା" ର ଅର୍ଥ ହେଉଛି ଏହାର ଆବଶ୍ୟକତା, ଉଦ୍ଦେଶ୍ୟ, ଓ ପ୍ରାଥମିକତା ଅନୁଯାୟୀ କିଛି କିମ୍ବା ଯେକୌଣସି ବ୍ୟକ୍ତିଙ୍କର ଯତ୍ନ ନେବା କିମ୍ବା ପରିଚାଳନା କରିବା । ଈଶ୍ୱରଙ୍କ ବାକ୍ୟର ଛାତ୍ର ହେବା ହେତୁ ପ୍ରଭୁ ଆମ୍ଭମାନଙ୍କୁ ଦେଇଥିବା ସମସ୍ତ ଦାୟିତ୍ୱକୁ କିପରି ସଠିକ ଭାବରେ ଯତ୍ନ କରିବା ତାହା ଶିଖିବା । ତେବେ ଈଶ୍ୱର ବିଶ୍ୱାସୀମାନଙ୍କୁ ଯତ୍ନ କରିବାକୁ ଦେଇଥିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତି କିଏ ? ଆମ୍ଭମାନଙ୍କ ସମ୍ପର୍କ ପାଇଁ ସଠିକ ପ୍ରାଥମିକତା କର୍ମ କ'ଣ ? ଚାଲନ୍ତୁ ଏବେ ଏହାକୁ ଦେଖିବା ।

*ଈଶ୍ୱରଙ୍କ ଥିବା ସମ୍ପର୍କ ହେଉଛି ଆମ୍ଭମାନଙ୍କ ପ୍ରଥମ ପ୍ରାଥମିକ ସମ୍ପର୍କ ।* ଆମ୍ଭେମାନେ ତାହାଙ୍କ ସହିତ ପ୍ରତିଦିନ ସହଭାଗିତା କରି, ତାହାଙ୍କଠାରେ ଲାଗି, ତାହାଙ୍କ ସହିତ ସମୟ ବିତାଇ ଏହି ସମ୍ପର୍କକୁ ସବଳ କରୁ । ଯୀଶୁଙ୍କ ମୃତ୍ୟୁ ପରେ, ମନ୍ଦିରର ବିଚ୍ଛେଦ ବସ୍ତ୍ର ଉପରୁ ତଳ ପର୍ଯ୍ୟନ୍ତ ଛିଣ୍ଡିଗଲା, ଏହାର ପ୍ରତୀକ ହେଲା ଯେ ପ୍ରଭୁ ଏବଂ ମନୁଷ୍ୟ ମଧ୍ୟରେ ପୃଥକତା ପୁନଃସ୍ଥାପନ ହୋଇଅଛି । ଜଣେ ବ୍ୟକ୍ତି ସିଧାସଳଖ ଈଶ୍ୱରଙ୍କ ସହ ସହଭାଗିତା ପାଇପାରନ୍ତି, କିନ୍ତୁ କେବଳ ଖ୍ରୀଷ୍ଟଙ୍କ ମୃତ୍ୟୁ ଦ୍ୱାରା କ୍ଷମା ପ୍ରାପ୍ତ ପରେ (ମାଥିଉ ୨୭: ୫୦-୫୧) । ଏହାର ଅର୍ଥ ହେଉଛି ଯେ ଆମ୍ଭେମାନେ ନିଜେ ପ୍ରଭୁଙ୍କ ନିକଟକୁ ଯାଇପାରିବା, ଯେପରି ପିଲାଟି ନିଜ ପିତାଙ୍କ ନିକଟକୁ ଆସେ ।

ଯୋହନ ୧୭ ରେ, ଯୀଶୁ ପ୍ରାର୍ଥନା କଲେ ଯେ ତାହାଙ୍କ ଶିଷ୍ୟମାନେ ଈଶ୍ୱରଙ୍କ ସହିତ ସମାନ *ନିଗୁଢ ସମ୍ପର୍କ* ସ୍ଥାପନ କରିପାରନ୍ତି ଯେପରି ତାହାଙ୍କ ସମ୍ପର୍କ ପିତାଙ୍କ ସହିତ ଥିଲା । ଭାଷା ସୂଚାଇଥାଏ ଯେ ଆମେ, ତାହାଙ୍କ ସନ୍ତାନ ଭାବରେ, ତାହାଙ୍କୁ *"ବାପା" ଭାବରେ ସମ୍ବୋଧନ*

*କରିପାରିବା ଏବଂ ଉତ୍ସାହ, ସହଭାଗୀତା ଓ ପ୍ରେମ* ପାଇଁ ପିତାଙ୍କ କୋଳରେ ଘୁଷୁରୁଥିବା ପିଲା ପରି ତାହାଙ୍କ ନିକଟକୁ ଆସିପାରିବା । ଖ୍ରୀଷ୍ଟିୟାନମାନେ ଏହି ନିୟମଗୁଡ଼ିକ ଶିଖିବା ଦ୍ୱାରା ଏହା କରିପାରିବେ:

- ଈଶ୍ୱରଙ୍କ ସହିତ ରହିବାକୁ ପ୍ରତ୍ୟେକ ଦିନ ସମୟ ପୃଥକ କରିବାର ଗୁରୁତ୍ୱ ।
- ଈଶ୍ୱରଙ୍କ ସହ କଥାବାର୍ତ୍ତା କରିବା, ଧନ୍ୟବାଦ ଦେବା, ତାହାଙ୍କୁ ପ୍ରଶଂସା କରିବା ଏବଂ ତାହାଙ୍କୁ ସାହାଯ୍ୟ ମାଗିବା ।
- ତାହାଙ୍କଠାରୁ ନିର୍ଦ୍ଦେଶ ଏବଂ ସହଭାଗିତା ଗ୍ରହଣ କରିବା ଉଦ୍ଦେଶ୍ୟରେ ତାହାଙ୍କ ବାକ୍ୟ ପଠନ କରିବା ।
- ଯାହା ପଠନ କରାଯାଏ ସେ ବିଷୟରେ ଧ୍ୟାନ କରିବା ଏବଂ ଆମ ମନରେ ଶିକ୍ଷା ଦିଆଯାଉଥିବା ଚିନ୍ତାଧାରାକୁ ଦୃଢ କରିବା ପାଇଁ ପ୍ରଚାରକର ଧାରଣାକୁ ମଧ୍ୟ ବିଚାର କରିବା ।

ଯୋହନ ୧୫:୭ କୁହେ, "ଯଦି ତୁମ୍ଭେମାନେ ମୋ ଠାରେ ରୁହ, ଆଉ ମୋହର ବାକ୍ୟ ତୁମ୍ଭମାନଙ୍କଠାରେ ରୁହେ, ତାହାହେଲେ ଯେକୌଣସି ବିଷୟ ଇଚ୍ଛା କର, ତାହା ମାଗ, ଓ ତୁମ୍ଭମାନଙ୍କ ନିମନ୍ତେ ତାହା ସାଧିତ ହେବ ।" ଏକ ସଫଳ ଖ୍ରୀଷ୍ଟିୟାନ ଜୀବନ ପାଇଁ ଈଶ୍ୱରଙ୍କଠାରେ ରହିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ । ଏହାର ଅର୍ଥ ହେଉଛି "ନିରନ୍ତର ଭାବରେ ବାସ କରିବା; ଏକ ଘନିଷ୍ଠ, ନିର୍ଭରଶୀଳ ସମ୍ପର୍କ ରଖିବା ।" ଯେତେବେଳେ ଖ୍ରୀଷ୍ଟିୟାନମାନେ ଏହା କରନ୍ତି, ଈଶ୍ୱର ପ୍ରତିଜ୍ଞା କରନ୍ତି ଯେ ସେମାନେ *ପ୍ରଚୁର ଫଳ* ଫଳିବେ ! ସେମାନେ ଆତ୍ମିକ ଭାବରେ ବଢିବେ, ଯେପରି ଫଳ ସ୍ୱାଭାବିକ ଭାବରେ ଦ୍ରାକ୍ଷାଲତାରେ ଦେଖାଯାଏ । ଯୋହନ ୧୫:୫ କୁହେ, "ମୁଁ ଦ୍ରାକ୍ଷାଲତା, ତୁମ୍ଭେମାନେ ଶାଖା; ଯେ ମୋ'ଠାରେ ରହେ ଓ ମୁଁ ଯାହାଠାରେ ରହେ, ସେ ପ୍ରଚୁର ଫଳ ଫଳେ; କାରଣ ମୋ'ବିନା ତୁମ୍ଭେମାନେ କିଛି କରିପାର ନାହିଁ ।" ଦ୍ରାକ୍ଷାଲତା ହେଉଛନ୍ତି ଯୀଶୁ, ଏବଂ ଆମ୍ଭେମାନେ ଶାଖା ଅଟୁ । ଶାଖା ଦ୍ରାକ୍ଷାଲତାଠାରୁ ଅଲଗା ହୋଇ ଫଳ ଫଳି ପାରେ କି ? ବାକ୍ୟ କୁହେ, ମୋ' (ଯୀଶୁ) ବିନା ତୁମ୍ଭେମାନେ କିଛି କରିପାର ନାହିଁ । ତାହାଙ୍କ ବିନା ଆମ୍ଭେମାନେ ଆତ୍ମିକ ଜୀବନରେ କେତେ ବଢିପାରିବା ?  ଆମ୍ଭେମାନେ ନିଜେ କିଛି ମଧ୍ୟ ଉତ୍ପନ୍ନ କରିପାରିବା ନାହିଁ । ଆମ୍ଭେମାନେ ଈଶ୍ୱରଙ୍କ ପବିତ୍ର ଆତ୍ମା, ତାହାଙ୍କ ବାକ୍ୟ ଏବଂ ଶକ୍ତି ଉପରେ ସଂପୂର୍ଣ୍ଣ ନିର୍ଭରଶୀଳ ଅଟୁ । ଯଦି ଆମ୍ଭେମାନେ ଈଶ୍ୱରଙ୍କ ଦ୍ୱାରା ଦତ୍ତ ଦାୟୀତ୍ୱ ପ୍ରତି ଯତ୍ନ ନେବାକୁ ଚାହୁଁ, ତେବେ ଆମ୍ଭେମାନେ ଖ୍ରୀଷ୍ଟଙ୍କଠାରେ ଶିଖିବା ଓ ରହିବା ଆବଶ୍ୟକ ।

*ଯଦି ବିବାହିତ, ତେବେ ପ୍ରଭୁଙ୍କ ପରେ ସମସ୍ତ ସମ୍ପର୍କ ମଧ୍ୟରେ ସ୍ୱାମୀ ବା ସ୍ତ୍ରୀଙ୍କର ସମ୍ପର୍କ ଦ୍ୱିତୀୟ ପ୍ରାଧାନ୍ୟ ଅଟେ ।* ବାକ୍ୟରେ ଏହା ଅତ୍ୟନ୍ତ ସ୍ପଷ୍ଟ ଯେ ବିବାହ ଈଶ୍ୱରଙ୍କ ପାଇଁ ଏକ ପ୍ରାଥମିକତା ଅଟେ, ତଥାପି ଅଧିକାଂଶ ଦମ୍ପତି ଈଶ୍ୱରଙ୍କ ବାକ୍ୟ ଅନୁଯାୟୀ ପରସ୍ପରର ଯତ୍ନ ନେବାକୁ ଅଜ୍ଞ

ଅଟନ୍ତି । ଚର୍ଚ୍ଚ ମଧ୍ୟରେ ଛାଡ଼ପତ୍ରର ହାର ଏହି ଘଟଣାର ସାକ୍ଷ ଅଟେ । ସ୍ୱାମୀ ଓ ସ୍ତ୍ରୀ ଯଦି ଏକ ସଫଳ ବିବାହ କରିବାକୁ ଚାହାନ୍ତି ତେବେ ପରସ୍ପର ସହିତ କିପରି ସମ୍ପର୍କ ସ୍ଥାପନ କରିବେ ସେ ବିଷୟରେ ବିଶେଷ ଭାବରେ ଏଫିସୀୟ ୫ରେ ଆଲୋଚନା କରାଯାଇଅଛି ।

> ହେ ସ୍ତ୍ରୀମାନେ ତୁମ୍ଭେମାନେ ଯେପରି ପ୍ରଭୁଙ୍କର ବଶୀଭୂତା ହୁଅ, ସେହିପରି ଆପଣା ଆପଣା ସ୍ୱାମୀର ବଶୀଭୂତା ହୁଅ, କାରଣ ଖ୍ରୀଷ୍ଟ ଯେପରି ମଣ୍ଡଳୀର ମସ୍ତକ ସ୍ୱରୂପ, ସ୍ୱାମୀ ମଧ୍ୟ ସେହିପରି ସ୍ତ୍ରୀର ମସ୍ତକ ସ୍ୱରୂପ, ପୁଣି, ଖ୍ରୀଷ୍ଟ ଆପଣା ଶରୀରରୂପ ମଣ୍ଡଳୀର ତ୍ରାଣକର୍ତ୍ତା । ହଁ, ମଣ୍ଡଳୀ ଯେପରି ଖ୍ରୀଷ୍ଟଙ୍କର ବଶୀଭୂତ, ସେହିପରି ସ୍ତ୍ରୀମାନେ ମଧ୍ୟ ସବୁ ବିଷୟରେ ଆପଣା ଆପଣା ସ୍ୱାମୀର ବଶୀଭୂତ ହେଉନ୍ତୁ । (ଏଫିସୀୟ ୫:୨୨-୨୪)
>
> ହେ ସ୍ୱାମୀମାନେ, ଖ୍ରୀଷ୍ଟ ଯେପରି ମଣ୍ଡଳୀକୁ ପ୍ରେମ କଲେ, ତୁମ୍ଭେମାନେ ମଧ୍ୟ ସେହିପରି ଆପଣା ଆପଣା ସ୍ତ୍ରୀମାନଙ୍କୁ ପ୍ରେମ କର; ଖ୍ରୀଷ୍ଟ ତ ମଣ୍ଡଳୀ ନିମନ୍ତେ ଆପଣାକୁ ଉତ୍ସର୍ଗ କଲେ । (ଏଫିସୀୟ ୫:୨୫)

*ପ୍ରଭୁ ଓ ପତି ବା ପତ୍ନୀଙ୍କ ପରେ ପିଲାମାନେ ପରବର୍ତ୍ତୀ ମୁଖ୍ୟ ସମ୍ପର୍କ ଅଟନ୍ତି ।* ଆମ୍ଭମାନଙ୍କ ପରିବାର ପ୍ରତି ଯତ୍ନ ନେବା ହେଉଛି ପ୍ରଭୁଙ୍କ ନିମନ୍ତେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, କାରଣ ଈଶ୍ୱର ଜାଣନ୍ତି ଯେ, ଏକ ସ୍ୱାସ୍ଥ୍ୟ ପରିବାର ଏକକ ହେଉଛି ସମାଜର ମୂଳଦୁଆ । ଅନେକ ପିତାମାତା ନିଜ ପିଲାମାନଙ୍କ ସହିତ ଥିବା ସଂପର୍କକୁ ନିଜ ଜୀବନସାଥିଙ୍କ ଆଗରେ ରଖନ୍ତି, ଯାହା ଭୁଲ ଅଟେ । ଦୃଢ଼ ବିବାହ ବିନା, ପରିବାରରେ ବିଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୁଏ । ଘରର ମୁଖ୍ୟ ଭାବରେ, ଈଶ୍ୱର ପିତାମାନଙ୍କୁ ପ୍ରଭୁଙ୍କ ମାର୍ଗରେ ପିଲାମାଙ୍କୁ ତାଲିମ ଦେବା ପାଇଁ ନିର୍ଦ୍ଦେଶ ଦେଇଅଛନ୍ତି (ଏଫିସୀୟ ୬: ୪) । ମୁଁ ଅନେକ ପୁରୁଷମାନଙ୍କର ଗୋଷ୍ଠୀ ସହିତ ବର୍ଷ ବର୍ଷ ଧରି କଥା ହୋଇଅଛି । ଆମ୍ଭମାନଙ୍କ ପରିବାର ପ୍ରତି ଯତ୍ନ ନେବା ବିଷୟରେ ଓ ଆମ୍ଭେ ଈଶ୍ୱରଙ୍କ ଇଚ୍ଛାକୁ ଶିକ୍ଷା ଦେବାଠାରୁ କେତେ ଦୂରରେ ତାହା ପ୍ରକାଶ କରିବାକୁ ମୁଁ ସାଧାରଣତ ନିମ୍ନଲିଖିତ ପ୍ରଶ୍ନଗୁଡ଼ିକ ପଚାରିଥାଏ:

- ଦଶ ବର୍ଷରୁ ଅଧିକ ସମୟ ପର୍ଯ୍ୟନ୍ତ କେତେ ଜଣ ପୁରୁଷଙ୍କର ଚାକିରି ଥିଲା ? କେତେଜଣ ବିଦ୍ୟାଳୟକୁ ଯାଇଥିଲେ କିମ୍ବା ସେହି କାର୍ଯ୍ୟ କରିବା ପାଇଁ ତାଲିମ ଗ୍ରହଣ କରିଥିଲେ ? (ପ୍ରତିକ୍ରିୟାରେ ଅଧିକାଂଶ ହାତ ଉଠାନ୍ତି)
- କେତେଜଣ ଅନ୍ୟକୁ ନିଜ କାର୍ଯ୍ୟ କରେଇବାକୁ ତାଲିମ ଦେବା ପାଇଁ ଆତ୍ମବିଶ୍ୱାସୀ ଅନୁଭବ କରନ୍ତି । (ପୁନର୍ବାର ଅଧିକାଂଶ ଲୋକ ହାଥ ଉଠାନ୍ତି)
- କେତେ ଜଣ ଦଶ ବର୍ଷରୁ ଅଧିକ ସମୟ ହେଲାଣି ବିବାହ କରିଅଛନ୍ତି ? (ସାଧାରଣତ, ଶତକଡା ୭୫ ରୁ ଅଧିକ ଲୋକ ହାତ ଉଠାନ୍ତି)

- ଈଶ୍ୱରଙ୍କ ବାକ୍ୟ ଅନୁଯାୟୀ ଅନ୍ୟ ଜଣେ ପୁରୁଷକୁ କିପରି ସ୍ୱାମୀ କିମ୍ବା ପିତା ହେବେ ସେବିଷୟରେ ଶିକ୍ଷା ଦେବାକୁ କେତେଜଣ ଆତ୍ମବିଶ୍ୱାସୀ ଅନୁଭବ କରନ୍ତି ? (ଅଧିକାଂଶ ସମୟରେ ଗୋଟିଏ ହାତ ମଧ୍ୟ ଉଠାଯାଏ ନାହିଁ )

ସଂକ୍ଷେପରେ, ମୁଁ ଅନ୍ୟ ଏକ ପ୍ରଶ୍ନ ପଚାରେ । "ଆପଣ ଭାବୁଛନ୍ତି କି ପ୍ରଭୁ ଆପଣଙ୍କ ଚାକିରୀ କୌଶଳ ବିଷୟରେ ଅଧିକ ବିବେଚନା କରୁଅଛନ୍ତି, କିମ୍ବା ଆପଣ ଆପଣଙ୍କ ସ୍ତ୍ରୀ ଯେ ଈଶ୍ୱରଙ୍କ ଝିଅମାନଙ୍କ ମଧ୍ୟରୁ ଜଣେ ତାହାର କେତେ ଯତ୍ନ ନିଅନ୍ତି ସେହି ବିଷୟରେ ବିବେଚନା କରୁଅଛନ୍ତି ?" ଈଶ୍ୱର ଆମ୍ଭମାନଙ୍କୁ ଦେଇଥିବା ସମସ୍ତ ଦାୟୀତ୍ୱ ପ୍ରତି କେତେ ଭଲ ଭାବରେ ଯତ୍ନ ନେଇଅଛୁ ସେହି ବିଷୟରେ ଦିନେ ଆମ୍ଭ ସମସ୍ତଙ୍କୁ ଏକ ହିସାବ ଦେବାକୁ ପଡ଼ିବ ।

ଆପଣଙ୍କର ନେତା ଓ ମଣ୍ଡଳୀର ଲୋକମାନଙ୍କୁ ସେମାନଙ୍କର ସମ୍ପର୍କର ସଠିକ ପ୍ରାଥମିକତା ବୁଝିବାରେ ସାହାଯ୍ୟ କରିବା ହେଉଛି ଶିଷ୍ୟତ୍ୱର ପ୍ରଥମ ପଦକ୍ଷେପ । କାହିଁକି ? କାରଣ ସମ୍ପର୍କିତ ପ୍ରଥମିକତା କର୍ମର ଦୃଢ ଶିକ୍ଷା ବିନା, ଲୋକମାନେ ସମସ୍ତ ପ୍ରକାରର ଶକ୍ତି ଏବଂ ସମୟ ଅତିବାହିତ କରିବେ ଯାହାକି ପ୍ରଭୁଙ୍କ ଦୃଷ୍ଟିରେ ଗୁରୁତ୍ୱପୂର୍ଣ୍ଣ ନୁହେଁ । ଯଦି ଆମ୍ଭେ ଏହି ଅଂଶକୁ ସଠିକ ଭାବରେ ପ୍ରାପ୍ତ କରୁ, ତେବେ ଆମ୍ଭମାନଙ୍କ ଜୀବନର ଅନ୍ୟ ସମସ୍ତ ଅଂଶ ସଠିକ ହୋଇଯିବ । ଆମ୍ଭମାନଙ୍କ ମଧ୍ୟରୁ ଅନେକଙ୍କ ପାଇଁ ଏହା କଠିନ ବିଷୟ ଅଟେ । କିନ୍ତୁ ମୋତେ ଏହା ସହିତ ଉତ୍ସାହିତ କରିବାକୁ ଦିଅନ୍ତୁ:

> ମୁଁ ଯେ ଏବେ ସେହି ସମସ୍ତ ପ୍ରାପ୍ତ ହୋଇଅଛି ଅବା ସିଦ୍ଧି ଲାଭ କରିଅଛି, ତାହା ନୁହେଁ, କିନ୍ତୁ ମୁଁ ଖ୍ରୀଷ୍ଟ ଯୀଶୁଙ୍କ ଦ୍ୱାରା ଧୃତ ହୋଇଥିବାରୁ ତାହା ଧରିବା ପାଇଁ ଦୌଡୁଅଛି । (ଫିଲିପ୍ପୀୟ ୩:୧୨)

ଏହି ସ୍ମାରକଟି କାହାକୁ ବିନାଶ କରିବା ପାଇଁ ନୁହେଁ, କାରଣ ଆମ୍ଭମାନଙ୍କ ମଧ୍ୟରୁ କେହି ମଧ୍ୟ କେବେ ସିଦ୍ଧ ହୋଇପାରିବେ ନାହିଁ । କିନ୍ତୁ ପାଉଲ ଉପରୋକ୍ତ ଏହି ପଦରେ କହୁଛନ୍ତି, "ଧୃତ" ଯାହାର ଅର୍ଥ ହେଉଛି ଈଶ୍ୱରଙ୍କ ଇଚ୍ଛାକୁ ହୃଦୟରେ ଗ୍ରହଣ କରିବା ଏବଂ ଭବିଷ୍ୟତରେ ଉନ୍ନତି ପାଇଁ ନିଜ ଜୀବନରେ ପ୍ରୟୋଗ କରିବା । ଈଶ୍ୱର ତାହାଙ୍କ ବାକ୍ୟ ଅନୁଯାୟୀ ଯାହା କରିବାକୁ କୁହନ୍ତି, ଆମ୍ଭେମାନେ ସମସ୍ତେ ଶିଖିବା ଏବଂ କାର୍ଯ୍ୟ କରିବା ଜାରି ରଖିବା ଆବଶ୍ୟକ । ଜଣେ ଶିଷ୍ୟ ସେହି ଗୁରୁଙ୍କ ପରି ଅଧିକ ହେବାକୁ ଇଚ୍ଛା ସହିତ ତାହାଙ୍କ ଗୁରୁଙ୍କ ଜଣେ ନିଷ୍ଠାପର ଅନୁଗାମୀ ହେବା ଉଚିତ । ଖ୍ରୀଷ୍ଟିୟାନମାନଙ୍କ ପାଇଁ, ଖ୍ରୀଷ୍ଟଙ୍କ ପରି ଅଧିକ ହେବା ହେଉଛି ଲକ୍ଷ, ଯାହା ହେଉଛି ଏଫ ଡି ଏମ (FDM) ଶିଷ୍ୟତ୍ୱ ଯୋଜନାର ଦ୍ୱିତୀୟ ଭାଗ ।

# ପ୍ରକୃତ ଶିଷ୍ୟତ୍ୱକୁ ବୁଝିବା

ଶିଷ୍ୟତ୍ୱ ଯୋଜନାର ଦ୍ୱିତୀୟ ଭାଗ ହେଉଛି ପ୍ରକୃତ ଶିଷ୍ୟତ୍ୱକୁ ବୁଝିବା । ମହାନ ଆଦେଶକୁ ପୂରଣ କରିବା ପାଇଁ ଶିଷ୍ୟତ୍ୱ ପ୍ରକୃତରେ କ'ଣ ତାହା ବିଷୟରେ ମଣ୍ଡଳୀରେ ନେତା ତଥା ବିଶ୍ୱାସୀମାନଙ୍କୁ ଶିକ୍ଷା ଦେବା ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଟେ । ସେମାନଙ୍କ ସହିତ ସୁସମାଚାର ବାର୍ତ୍ତା ବାଣ୍ଟିବା ବ୍ୟତୀତ ମହାନ ଆଦେଶକୁ ନିଜ ଲୋକମାନଙ୍କ ନିକଟକୁ ନେବା କ୍ଷେତ୍ରରେ ଚର୍ଚ୍ଚ ବହୁତ ଦୁର୍ବଳ ଅଟେ । ପ୍ରଭୁଙ୍କ ବାକ୍ୟ ଜାଣିବା ଏବଂ ପାଳନ କରିବା ପାଇଁ ଏହା ଶିକ୍ଷାଦାନ ଓ ନିର୍ଦ୍ଦେଶ, ଏବଂ ସଂଶୋଧନକୁ ଆବଶ୍ୟକ କରେ । ଏହା ମନେ ରଖିବା ଉଚିତ ଯେ ଜଣେ ବ୍ୟକ୍ତି ପ୍ରଥମେ ନିଜ ଜୀବନକୁ ଖ୍ରୀଷ୍ଟଙ୍କ ନିକଟରେ ସମର୍ପଣ କରିବା ପରେ ହିଁ ଜଣେ ଶିଷ୍ୟ ହୋଇପାରିବ; ମାଥିଉ ୨୮:୧୯-୨୦ ସାଧୁମାନଙ୍କୁ ପ୍ରସ୍ତୁତ କରିବା ଉପରେ ଗୁରୁତ୍ୱ ଦେଇଥାଏ । ତାହା ହେଉଛି ଆମ୍ଭର ଲକ୍ଷ ଦର୍ଶକ-ସାଧୁମାନେ । ଆସନ୍ତୁ ନିମ୍ନରେ ଦିଆଯାଇଥିବା ଶିଷ୍ୟ ଶବ୍ଦର ସଜ୍ଞା ଦେଖିବା ।

> ଶିଷ୍ୟ: (ବିଶେଷ୍ୟ, ଗ୍ରୀକ) "ମାଥେଟିସ" ହେଉଛି ଜଣେ ଛାତ୍ର, ଶିକ୍ଷାର୍ଥୀ, କିମ୍ବା ଶିଷ୍ୟ, କିନ୍ତୁ ଏହାର ଅର୍ଥ ନୂତନ ନିୟମରେ ଆହୁରି ଅଧିକ ପ୍ରକାଶ କରେ । ଶିଷ୍ୟ ଜଣେ ଅନୁଗାମୀ ଯିଏ ତାଙ୍କୁ ଦିଆଯାଇଥିବା ନିର୍ଦ୍ଦେଶକୁ ଗ୍ରହଣ କରେ ଓ ଏହାକୁ ତାଙ୍କର ଆଚରଣର ନୀୟମରେ ଲାଗୁ କରେ । କ୍ଲାସିକ ଗ୍ରୀକ ଭାଷାରେ, "ମାଥେଟିସ" ଯାହାକୁ ଆମ୍ଭେ "ଜଣେ ଶିକ୍ଷାର୍ଥୀ" ବୋଲି କହୁ, ଯିଏ କେବଳ ଶିକ୍ଷକଙ୍କଠାରୁ ତଥ୍ୟ ଶିଖନ୍ତି ନାହିଁ ବରଂ ତାଙ୍କ ମନୋଭାବ ଓ ଦର୍ଶନ ପରି ଅନ୍ୟାନ୍ୟ ବିଷୟ ମଧ ଶିକ୍ଷା କରନ୍ତି । ଏହା ମାର୍ଗରେ, "ମ୍ୟାଥେଟିସ" ଯାହାକୁ ଆମ୍ଭେ "ଛାତ୍ର-ସାଥୀ" ବୋଲି କହିପାରିବା, ଯିଏ କେବଳ ଶ୍ରେଣୀରେ ବକୃତ ଶୁଣନ୍ତି ନାହିଁ , ବରଂ ଯିଏ ଜୀବନ ଶିକ୍ଷା କରିବା ସହିତ ଶିକ୍ଷଙ୍କୁ ଅନୁସରଣ କରନ୍ତି ଏବଂ ଧୀରେ ଧୀରେ ଶିକ୍ଷକଙ୍କ ଚରିତ୍ରକୁ ଗ୍ରହଣ କରନ୍ତି ।

ସଂକ୍ଷେପରେ, ଜଣେ ଶିଷ୍ୟ ହେଉଛି ଜଣେ ଶିକ୍ଷାର୍ଥୀ, ଯଦି ଆପଣ ଚାହାନ୍ତି, ଯାହାର ଲକ୍ଷ ହେଉଛି ଶିକ୍ଷଙ୍କ ଚରିତ୍ରକୁ ଗ୍ରହଣ କରିବ । ତେଣୁ ଖ୍ରୀଷ୍ଟଙ୍କର ଜଣେ ଶିଷ୍ୟ, ଯିଏ ସେମାନଙ୍କ ମନୋଭାବ, ବଶିଷ୍ଟ୍ୟ, ଦର୍ଶନ, ଦୃଷ୍ଟିକୋଣ ଏବଂ କାର୍ଯ୍ୟରେ ଅଧିକ ଖ୍ରୀଷ୍ଟଙ୍କ ପରି ହେବାକୁ ଚେଷ୍ଟା କରନ୍ତି । "ଶିଷ୍ୟ" ଶବ୍ଦକୁ ନୂତନ ନିୟମରେ ୨୬୯ ଥର ଉଲ୍ଲେଖ କରାଯାଇଛି, ଯାହାକି ଖ୍ରୀଷ୍ଟିୟାନ ଶିଷ୍ୟଙ୍କୁ ଚାରୋଟି ଭିନ୍ନ ପଥରେ ବର୍ଣ୍ଣନା କରିଥାଏ ।

## ୧. ଜଣେ *ଶିଷ୍ୟ* ଯୀଶୁ ଖ୍ରୀଷ୍ଟଙ୍କୁ ପ୍ରଭୁ ଏବଂ ଉଦ୍ଧାରକର୍ତ୍ତା ଭାବରେ ଗ୍ରହଣ କରିଅଛନ୍ତି ।

> ମାତ୍ର ଯେତେ ଲୋକ ତାହାଙ୍କୁ ଗ୍ରହଣ କଲେ, ଅର୍ଥାତ, ଯେଉଁମାନେ ତାହାଙ୍କ ନାମରେ ବିଶ୍ୱାସ କଲେ, ସେ ସମସ୍ତଙ୍କୁ ସେ ଈଶ୍ୱରଙ୍କ ସନ୍ତାନ ହେବା ନିମନ୍ତ ଅଧିକାର ଦେଲେ । (ଯୋହନ ୧:୧୨)

ବାକ୍ୟ ଅନୁଯାୟୀ, ଶିଷ୍ୟ ହେଉଛନ୍ତି ଯୀଶୁଙ୍କ ଜଣେ ବିଶ୍ୱାସୀ ଏବଂ ଉତ୍ସର୍ଗୀକୃତ ଅନୁଗାମୀ । ଜଣେ ସମ୍ଭାବ୍ୟ ଶିଷ୍ୟ ପ୍ରଥମେ ହୃଦୟଙ୍ଗମ କରିବ ଯେ ସେମାନେ ଈଶ୍ୱରଙ୍କ ବିଚାର ଅନୁଯାୟୀ ପାପି ଅଟନ୍ତି (ରୋମୀୟ ୩:୨୩; ୬:୨୩); ସେମାନେ ଈଶ୍ୱରଙ୍କ ନିକଟରେ ସେମାନଙ୍କର ପାପ ସ୍ୱୀକାର କରିବା ଆବଶ୍ୟକ (୧ ଯୋହନ ୧:୯); ସେମାନେ ନିଶ୍ଚିତ ଭାବରେ ଅନୁତାପ କରିବେ କିମ୍ବା ନିଜ ପାପରୁ ବିମୁଖ ହେବେ (ମାଥିଉ ୩:୨,୮; ୪:୧୭; ପ୍ରେରିତ ୨:୩୮); ଏବଂ ସେମାନେ ଏହା ବିଶ୍ୱାସ କରନ୍ତି ଯେ କୃଶରେ ଯୀଶୁଙ୍କ ମୃତ୍ୟୁ ସେମାନଙ୍କର ପାପ ପାଇଁ ଦେୟ ଥିଲା । ଯେତେବେଳେ ଜଣେ ବ୍ୟକ୍ତି ପ୍ରକୃତରେ ଯୀଶୁଙ୍କଠାରେ ବିଶ୍ୱାସ କରେ, ଯେ ଯୀଶୁ ଖ୍ରୀଷ୍ଟ ସେମାନଙ୍କର ପାପ ପାଇଁ କୃଶରେ ହତ ହେଲେ, ସମାଧି ପ୍ରାପ୍ତ ହେଲେ ଓ ବାଇବଲ ବର୍ଣ୍ଣନା କଲା ଭଳି ମୃତ୍ୟୁରୁ ପୁନରୁଥିତ ହେଲେ, ସେତେବେଳେ ସେମାନେ ଈଶ୍ୱରଙ୍କ ସହ ସମ୍ପର୍କ ସ୍ଥାପନ କଲେ ଏବଂ ତାହାଙ୍କ ଉପସ୍ଥିତିରେ ଅନନ୍ତ ଜୀବନ ପ୍ରାପ୍ତ କରାଗଲେ (ରୋମୀୟ ୧୦:୯-୧୦; ୨ କରନ୍ତୀୟ ୫:୨୧; ୧ ଯୋହନ ୨;୧-୨) । ପରିତ୍ରାଣର ମୁହୂର୍ତ୍ତରେ, ପବିତ୍ର ଆତ୍ମା ଜଣେ ବ୍ୟକ୍ତିଙ୍କ ଜୀବନରେ ପ୍ରବେଶ କରେ ଏବଂ ବାଇବଲ ଏହାକୁ ଖ୍ରୀଷ୍ଟଙ୍କ ମନ ବୋଲି ବର୍ଣ୍ଣନା କରେ (ପ୍ରେରିତ ୨:୩୮) । ପ୍ରଭୁଙ୍କ ଯୋଜନା ଅନୁଯାୟୀ ପରିତ୍ରାଣ ବିନା କୌଣସି ବ୍ୟକ୍ତି ପ୍ରକୃତ ଶିଷ୍ୟ ଏବଂ ପ୍ରଭୁଙ୍କ ସନ୍ତାନ ହୋଇପାରିବ ନାହିଁ । ଏବଂ ଶିକ୍ଷାଦାନ କିମ୍ବା ଶିଷ୍ୟ କରିବା ପୂର୍ବରୁ ପରିତ୍ରାଣ ଅତ୍ୟନ୍ତ ଜରୁରୀ କାରଣ ବାଇବଲରେ କୁହାଯାଇଛି ଯେ "ବାସ୍ତବ" ବା ଉଦ୍ଧାର ହୋଇନଥିବା ବ୍ୟକ୍ତି ଈଶ୍ୱରଙ୍କ ବିଷୟ ବୁଝିପାରିବ ନାହିଁ (୧ କରନ୍ତୀୟ ୧: ୧୪,୧୮) ।

## ୨. *ଶିଷ୍ୟ* ହେଉଛି ଜଣେ ବାକ୍ୟର ଛାତ୍ର ।

> ସତ୍ୟ ବାକ୍ୟ ଯଥାର୍ଥ ରୂପେ ବ୍ୟବହାର କରି, ଯେଉଁ କାର୍ଯ୍ୟକାରୀ ଲଜ୍ଜା ବୋଧ କରିବା ଆବଶ୍ୟକ ନୁହେଁ, ତାହାର ପରି ଈଶ୍ୱରଙ୍କ ନିକଟରେ ଆପଣାକୁ ପରିକ୍ଷାସିଦ୍ଧ ଦେଖାଇବାକୁ ଯତ୍ନ କର । (୨ ତିମଥୀ ୨:୧୫)

> ଅତଏବ, ଯୀଶୁ ତାହାଙ୍କୁ ବିଶ୍ୱାସ କରିଥିବା ଯୀହୁଦୀମାନଙ୍କୁ କହିଲେ, "ଯଦି ତୁମ୍ଭେମାନେ ମୋହର ବାକ୍ୟରେ ସ୍ଥିର ହୋଇ ରହିବ, ତେବେ ତୁମ୍ଭେମାନେ ପ୍ରକୃତରେ ମୋହର ଶିଷ୍ୟ । (ଯୋହନ ୮:୩୧)

ଅନ୍ୟ ଅର୍ଥରେ, ଜଣେ ଶିଷ୍ୟ ଜୀବନର ପ୍ରତ୍ୟେକ ପରିସ୍ଥିତିରେ ପ୍ରଭୁଙ୍କ ଇଚ୍ଛା ଶିଖିବା ପାଇଁ ଆବଶ୍ୟକ ସମୟ ବିନିଯୋଗ କରେ । ଏହା ଈଶ୍ୱରଙ୍କ ଇଚ୍ଛା ଯାହା ପ୍ରତ୍ୟେକ ବିଶ୍ୱାସୀ ଏହି ବିଷୟଗୁଡ଼ିକକୁ ଶିକ୍ଷା କରନ୍ତୁ:

- ଯୀଶୁ କିଏ ଓ ସେ କ'ଣ କରିଛନ୍ତି ସେ ବିଷୟରେ ସତ୍ୟ ।
- ପ୍ରତ୍ୟେକ ଦିନ ଯୀଶୁ ଖ୍ରୀଷ୍ଟଙ୍କଠାରେ କିପରି ରହିବେ ।
- ଆମର ଖ୍ରୀଷ୍ଟିୟାନ ବିଶ୍ୱାସର ମୂଳ ନୀତିଗୁଡ଼ିକ ।
- ତାହାଙ୍କ ସନ୍ତାନ ଭାବରେ ଆମ୍ଭମାନଙ୍କ ନିମନ୍ତେ ପ୍ରତିଜ୍ଞା ଗୁଡ଼ିକ ।
- ଧାର୍ମିକ ଭାବରେ କିପରି ଚାଲିବା ।

ଆମ୍ଭେମାନେ କେବଳ ବାକ୍ୟ ଅଧ୍ୟୟନ କରି ଏହି ବିଷୟଗୁଡ଼ିକ ଶିଖିପାରିବା ।

## ୩. ଜଣେ *ଶିଷ୍ୟ* ହେଉଛି ଯିଏ ଈଶ୍ୱରଙ୍କ ବାକ୍ୟ ଗ୍ରହଣ କରେ ଯାହା ସେ ଶିଖିଛି ତାହା ପାଳନ କରିବାକୁ ଏବଂ ପ୍ରୟୋଗ କରିବାକୁ ଇଚ୍ଛା କରେ ।

> କିନ୍ତୁ ଶ୍ରୋତାମାତ୍ର ହୋଇ ଆପଣାମାନଙ୍କୁ ପ୍ରବଞ୍ଚନା ନ କରି ବାକ୍ୟର କର୍ମକାରୀ ହୁଅ । (ଯାକୁବ ୧:୨୨)

> ଯଦି ତୁମ୍ଭେମାନେ ମୋ'ଠାରେ ରୁହ, ଓ ମୋହର ବାକ୍ୟ ତୁମ୍ଭମାନଙ୍କଠାରେ ରୁହେ, ତାହାହେଲେ ଯେକୌଣସି ବିଷୟ ଇଚ୍ଛା କର, ତାହା ମାଗ, ଓ ତୁମ୍ଭମାନଙ୍କ ନିମନ୍ତେ ତାହା ସାଧିତ ହେବ । ତୁମ୍ଭେମାନେ ପ୍ରଚୁର ଫଳ ଫଳିଲେ ମୋହର ପିତା ମହିମାନ୍ୱିତ ହେବେ, ଓ ତୁମ୍ଭେମାନେ ମୋହର ପ୍ରକୃତ ଶିଷ୍ୟ ହେବ । (ଯୋହନ ୧୫:୭-୮)

ଆଜି କେତେ ଜଣ  ଖ୍ରୀଷ୍ଟିୟାନ ଈଶ୍ୱରଙ୍କ ବାକ୍ୟକୁ ପରାମର୍ଶର ତାଲିକା ଭାବରେ ବ୍ୟବହାର କରନ୍ତି ଯେଉଁଥିରୁ ସେମାନେ ବାକ୍ୟକୁ ମନୋନୀତ  କରିପାରିବେ ?  ଈଶ୍ୱରଙ୍କ ଗୌରବ ଆଣିବା ହେଉଛି ସେମାନଙ୍କର ଉଦ୍ଦେଶ୍ୟ ବୋଲି କେତେ ଜଣ ବୁଝନ୍ତି? କେତେ ଜଣ ବିଶ୍ୱାସୀ ଈଶ୍ୱରଙ୍କ ଅନୁଗ୍ରହକୁ ଅବାଧ ହେବା ପାଇଁ ଏକ ମୁକ୍ତ ପରିଚାଳକ ଭାବରେ ବ୍ୟବହାର କରନ୍ତି ? ଆମ୍ଭେ ଆମ୍ଭର ପାପ ପାଇଁ ଦୁଃଖିତ, ଅନୁତାପ ଏବଂ ଆଜ୍ଞା ବିଷୟରେ ଗମ୍ଭୀର, ନା ଆମ୍ଭର ଅଜ୍ଞତା ଏବଂ ପାପପୂର୍ଣ୍ଣ "ଭୁଲ" ପାଇଁ ଆମ୍ଭେ ନିଜକୁ ବାହାନା କରୁଛୁ ?

ଆଜି, ଯୁକ୍ତରାଷ୍ଟ୍ର ମଧ୍ୟରେ, ପରିସଙ୍ଖ୍ୟାନ ସୂଚାଇ ଦେଇଅଛି ଯେ ୪୦% ରୁ ଅଧିକ ଖ୍ରୀଷ୍ଟିୟାନ ଚିରଭୋଗ ଅବସାଦ ବିହୀନ । କୋଡ଼ିଏ ବର୍ଷରୁ ଅଧିକ ସମୟର ପରାମର୍ଶରେ, ମୁଁ ଜାଣିବାକୁ

ପାଇଲି ଯେ ଅଧିକାଂଶ ଲୋକ ଉଦାସ ଜୀବନଯାପନ କରୁଛନ୍ତି, କାରଣ ଈଶ୍ୱର ତାହାଙ୍କ ବାକ୍ୟରେ ଯାହା ଉପସ୍ଥାପନ କରିଛନ୍ତି ସେହି ବିଷୟରେ ସେମାନେ ଅଜ୍ଞ, କିମ୍ବା ତାହା ଯତ୍ନ କରନ୍ତି ନାହିଁ । ଅବାଧ୍ୟତାରେ ବଞ୍ଚିବାର ଏକ ଫଳାଫଳ ରହିଅଛି । ମୁଁ ପରାମର୍ଶ ଦେଉନାହିଁ ଯେ ଅବସାଦ ବିହୀନ ଥିବା ସମସ୍ତ ଲୋକ ଈଶ୍ୱରଙ୍କ ଇଚ୍ଛା ବାହାରେ, କିନ୍ତୁ ଅସନ୍ତୋଷ, କ୍ରୋଧ, ତିକ୍ତତା, ଭୟ ଇତ୍ୟାଦି ଦୀର୍ଘସ୍ଥାୟୀ ମନୋଭାବ ଅବସାଦ ଆଡ଼କୁ ଗତି କରିବ ।

ଜୀବନ ବେଳେବେଳେ ଅତ୍ୟନ୍ତ ଚାପ ଆଣିପାରେ, କିନ୍ତୁ ଈଶ୍ୱରଙ୍କୁ ପ୍ରଶଂସା କରନ୍ତୁ କାରଣ ତାହାଙ୍କ ପାଖରେ ସମସ୍ତ ଉତ୍ତର ଅଛି ।   ଗାଲାତୀୟ ୫:୨୨ ଆମକୁ କୁହେ, ଆତ୍ମାରେ ଚାଲିବ ଦ୍ୱାରା ପ୍ରେମ, ଆନନ୍ଦ ଏବଂ ଶାନ୍ତିର ଜୀବନ ଆସିବ । ଏହା ଏକାସାଙ୍ଗରେ ଘଟେ ନାହିଁ  କିନ୍ତୁ ଜଣେ ବ୍ୟକ୍ତି ଈଶ୍ୱରଙ୍କ ଇଚ୍ଛାକୁ ମାନିବାକୁ ଆରମ୍ଭ କଲେ ତାହା ଧୀରେ ଧୀରେ ବୃଦ୍ଧି ହେବ । ତେବେ ଯେତେବେଳେ ଜଣେ ଖ୍ରୀଷ୍ଟିୟାନ, ଅଜ୍ଞତା କିମ୍ବା ବିଦ୍ରୋହରୁ ଈଶ୍ୱରଙ୍କ ଇଚ୍ଛାରେ ଚାଲୁ ନ ଥାଏ, ସେତେବେଳେ କ'ଣ ହେବ ?ଏହାର ବିପରୀତ- ପ୍ରେମ, ଆନନ୍ଦ, ଶାନ୍ତି ବଦଳରେ ଦ୍ୱନ୍ଦ, ସନ୍ଦେହ, ଚିନ୍ତା ଓ ଶେଷରେ ଉଦାସୀନତା ଦ୍ୱାରା ଆକ୍ରାନ୍ତ ହୁଏ । ଆଶାକରାଯାଏ ଯେ, ଆମ୍ଭେ ଅନୁଭବ କରୁଥିବା ଯନ୍ତ୍ରଣା ଆମ୍ଭ ନିଜକୁ ପରୀକ୍ଷା କରିବାକୁ, ଈଶ୍ୱରଙ୍କ ଇଚ୍ଛା ଅନ୍ୱେଷଣକରିବା ପାଇଁ ଏବଂ କ୍ଷମା ପ୍ରାର୍ଥନା ଯେଉଁଠାରୁ ଆମ୍ଭେମାନେ ବିପଥଗାମୀ ହୋଇଥିଲୁ ଏବଂ ତାହାଙ୍କ ଇଚ୍ଛାକୁ ସଫଳ କରିବାକୁ ସାହାଯ୍ୟ କରିବ ।

ଜୀବନରେ ଏକ ନିର୍ଦ୍ଦିଷ୍ଟ ପରିମାଣର ଦୁଃଖ ଓ ଅସୁବିଧା ସ୍ୱାଭାବିକ, ଯାହା ଆଶା କରାଯାଇପାରିବ, ଏବଂ ଆମ୍ଭମାନଙ୍କର ଉତ୍ତମତା ନିମନ୍ତେ ପାପରୁ, ଅଜ୍ଞତାରୁ ଓ ପ୍ରଭୁଙ୍କଠାରୁ ଆମ୍ଭର ସ୍ୱାଧୀନତା ଫେରାଏ । ପ୍ରଭୁ ଆମ୍ଭର ପାପ ପାଇଁ କଷ୍ଟକୁ ଅନୁଭବ କରିବା ପାଇଁ ଅନୁମତି ଦିଅନ୍ତି ଏବଂ ଆମ୍ଭକୁ ପରିସ୍ଥିତ ସହିତ ଅନୁଶାସନ ମଧ୍ୟ କରନ୍ତି କାରଣ ସେ ଜଣେ ଉତ୍ତମ, ପ୍ରେମୀ ପିତା ଯେ ଆମ୍ଭ ପ୍ରତ୍ୟେକଙ୍କଠାରେ ଆରମ୍ଭ କରିଥିବା କାର୍ଯ୍ୟ ଶେଷ କରିବାକୁ ତାହାଙ୍କ ପ୍ରତିଜ୍ଞା ଉପରେ ବିଶ୍ୱସ୍ତ ଅଟନ୍ତି।

ଆଉ ପୁତ୍ରମାନଙ୍କ ପରି ତୁମ୍ଭମାନଙ୍କ ପ୍ରତି ଉକ୍ତ ଏହି ଉତ୍ସାହବାକ୍ୟ ଭୁଲିଅଛ, ହେ
ମୋହର ପୁତ୍ର, ପ୍ରଭୁଙ୍କ ଶାସନକୁ ଲଘୁ ଜ୍ଞାନ କର ନାହିଁ, କିମ୍ବା ତାହାଙ୍କ ଦ୍ୱାରା
ଅନୁଯୋଗ ପ୍ରାପ୍ତ ହେଲେ କ୍ଲାନ୍ତ ହୁଅ ନାହିଁ; କାରଣ ପ୍ରଭୁ ଯାହାକୁ ପ୍ରେମ
କରନ୍ତି, ତାହାକୁ ଶାସନ କରନ୍ତି, ପୁଣି ଯେଉଁ ପୁତ୍ରକୁ ସେ ଗ୍ରହଣ କରନ୍ତି,
ତାହାକୁ ପ୍ରହାର କରନ୍ତି । (ଏବ୍ରୀ ୧୨:୫-୬)

> କାରଣ ଯେ ତୁମ୍ଭମାନଙ୍କ ଅନ୍ତରରେ ଉତ୍ତମ କାର୍ଯ୍ୟ ଆରମ୍ଭ କରିଅଛନ୍ତି, ସେ ଖ୍ରୀଷ୍ଟ ଯୀଶୁଙ୍କ ଦିନ ପର୍ଯ୍ୟନ୍ତ ତାହା ସାଧନ କରି ସିଦ୍ଧ କରିବେ, ଏହା ତ ମୁଁ ଦୃଢ ରୂପେ ବିଶ୍ୱାସ କରେ । (ଫିଲିପ୍ପୀୟ ୧:୬)

ଜଣେ ଶିଷ୍ୟ ବାଇବଲକୁ ଈଶ୍ୱରଙ୍କଠାରୁ ପ୍ରତ୍ୟେକ୍ଷ ନିର୍ଦ୍ଦେଶ ବୋଲି ବିବେଚନା କରେ । ବିଷୟରେ ଯେକୌଣସି ଅବାଧ୍ୟତା ସଚେତନ ହେଉଛି ଅନୁତାପ ପାଇଁ ଏକ ବିଷୟ ଅଟେ ଏବଂ ଧାର୍ମିକତାରେ ଚାଲିବା ଆରମ୍ଭ କରିବା ପାଇଁ ଉଦ୍ଦେଶ୍ୟମୂଳକ ବିଶ୍ୱାସ, ପ୍ରାର୍ଥନା ଏବଂ ପବିତ୍ର ଆତ୍ମାଙ୍କ ଶକ୍ତି ଉପରେ ନିର୍ଭଳଶୀଳତା ଆବଶ୍ୟକ କରେ ।

## ୪. ଜଣେ *ଶିଷ୍ୟ* ଚରିତ୍ର ଏବଂ ଆଚରଣରେ ଧୀରେ ଧୀରେ ଯୀଶୁଙ୍କ ପ୍ରତିମୂର୍ତ୍ତିରେ ରୂପାନ୍ତରିତ ହେବ ।

> ଶିଷ୍ୟ ଗୁରୁଠାରୁ ଶ୍ରେଷ୍ଠ ନୁହେଁ, କିନ୍ତୁ ପ୍ରତ୍ୟେକ ଶିଷ୍ୟ ସିଦ୍ଧ ହୋଇ ଆପଣା ଗୁରୁଙ୍କ ତୁଲ୍ୟ ହେବ । (ଲୁକ ୬: ୪୦)

ଆମ୍ଭେମାନେ କେବେ ବି ଈଶ୍ୱରଗଣ ହେବା ନାହିଁ, ଯେପରି କେତେକ ଧର୍ମ ଭୁଲରେ ଶିକ୍ଷା ଦେଇଅଛନ୍ତି, ଏବଂ ଆମ୍ଭେମାନେ ଖ୍ରୀଷ୍ଟଙ୍କ ପରି କଦାପି ସିଦ୍ଧ ହେବା ନାହିଁ । ସେ ପାପ ପାଇଁ ଆମ୍ଭର ଆଚ୍ଛାଦନ, ଏବଂ ଆମ୍ଭ ଭିତରେ ଥିବା ତାହାଙ୍କ ପବିତ୍ର ଆତ୍ମା ଦ୍ୱାରା, ଆମ୍ଭର ବାକ୍ୟ ଓ କାର୍ଯ୍ୟ ସହିତ ଈଶ୍ୱରଙ୍କୁ ଅଧିକରୁ ଅଧିକ ଗୌରବାନ୍ୱିତ କରିବା ଉଚିତ । ତାଲିମ ଶିକ୍ଷା, ସମର୍ପଣ ଓ ଧାର୍ମିକତାକୁ ଅନ୍ତର୍ଭୁକ୍ତ କରେ ।

ବର୍ତ୍ତମାନ ଆମ୍ଭେମାନେ ଜାଣୁ ଜଣେ ଶିଷ୍ୟ କ'ଣ ଏବଂ ସେମାନଙ୍କର କେଉଁ ଲକ୍ଷଣ ରହିବ, କିନ୍ତୁ ପ୍ରକୃତ ଶିଷ୍ୟତ୍ୱରେ ଆଉ କ'ଣ ଅନ୍ତର୍ଭୁକ୍ତ ଅଛି ? ଚାଲନ୍ତୁ ବର୍ତ୍ତମାନ ଏହାକୁ ଦେଖିବା ।

## ଜଣେ ଶିଷ୍ୟକାରୀ କିଏ ଅଟନ୍ତି ?

ପ୍ରଭୁ ତାହାଙ୍କ ଅନୁଗାମୀମାନଙ୍କୁ ବିଭିନ୍ନ ବରଦାନ ଦିଅନ୍ତି - କେତେକଙ୍କୁ ପାଳକ, ଯୁବ ନେତା, ସଙ୍ଗୀତ ନିର୍ଦ୍ଦେଶକ ଇତ୍ୟାଦି କୁହାଯାଏ, *କିନ୍ତୁ ପ୍ରତ୍ୟେକ ବିଶ୍ୱାସୀଙ୍କୁ ଜଣେ ଶିଷ୍ୟକାରୀ ହେବାକୁ କୁହାଯାଏ ।* ଏହାର ଅର୍ଥ ହେଉଛି ଯେ ପ୍ରତ୍ୟେକ ଖ୍ରୀଷ୍ଟିୟାନ ଏପରି ଏକ ସ୍ଥାନକୁ ଆସିବା ଆବଶ୍ୟକ ଯେଉଁଠାରେ ସେମାନେ ଈଶ୍ୱରଙ୍କ ବାକ୍ୟକୁ ଅନ୍ୟ ବିଶ୍ୱାସୀମାନଙ୍କ ଆବଶ୍ୟକତାକୁ ଏକ ଘନିଷ୍ଠ ସମ୍ପର୍କ ମଧ୍ୟରେ ପ୍ରୟୋଗ କରିବା ପାଇଁ ଯଥେଷ୍ଟ ପରିପକ୍ୱ ଅଟନ୍ତି ଏବଂ ଯୀଶୁଙ୍କ ପରି ନିୟମିତ ଏବଂ ଉଦ୍ଦେଶ୍ୟରେ ଏହା କରନ୍ତି । ଶିଷ୍ୟ କରିବା ହେଉଛି ଅନ୍ୟ ସହିତ ସମୟ ଅତିବାହିତ କରିବା, କିମ୍ବା ଅନ୍ୟ କିଛି, ଜୀବନର ନିର୍ଦ୍ଦିଷ୍ଟ ସମୟ ଯାଏ, ଈଶ୍ୱରଙ୍କ ବାକ୍ୟକୁ ବୁଝିବା ଏବଂ ପାଳନ କରିବା ନିମନ୍ତେ ଉତ୍ସାହିତ, ପରାମର୍ଶ ଓ ଏକ ଗୁରୁତ୍ୱର ଭାବରେ ସାହାଯ୍ୟ କରିବା ଓ

ସେମାନଙ୍କ ପାଇଁ ଏକ ଉଦାହରଣ ହେବା । ମନେରଖନ୍ତୁ, ମାଥିଉ ୨୮:୧୯, କୁହେ, "ସମସ୍ତଙ୍କୁ ଶିଷ୍ୟ କର ।" ଏହି କ୍ଷେତ୍ରରେ, ସମସ୍ତ ଅର୍ଥ ପ୍ରତ୍ୟେକଙ୍କୁ, ଏବଂ ତାହା ହେଉଛି ସମସ୍ତ ଅର୍ଥ !

ପାଳକ, ଉପାସକ ନେତା, ବାଇବଲ ଅଧ୍ୟୟନର ନେତା, କିମ୍ବା ଅନ୍ୟ ସେବକମାନେ ଏହି ଆହ୍ୱାନରୁ ମୁକ୍ତ କି ? ନା । ବାସ୍ତବରେ, ଯେଉଁମାନେ ନେତୃତ୍ୱ ନେଉଛନ୍ତି ସେମାନଙ୍କଠାରୁ ପ୍ରଭୁ ଅଧିକ ଆଶା କରନ୍ତି । ଏହି ବିଷୟରେ ବାକ୍ୟ କ'ଣ କୁହେ ଆସନ୍ତୁ ତାହା ଉପରେ ଦୃଷ୍ଟି ପାତ କରିବା:

> ସତ୍ୟ ସତ୍ୟ ମୁଁ ତୁମ୍ଭମାନଙ୍କୁ କହୁଅଛି, ଦାସ ଆପଣା କର୍ତ୍ତାଠାରୁ ଶ୍ରେଷ୍ଠ ନୁହେଁ, କିମ୍ବା ପ୍ରେରିତ ଆପଣା ପ୍ରେରକଠାରୁ ଶ୍ରେଷ୍ଠ ନୁହେଁ । (ଯୋହନ ୧୩: ୧୬)

> ତୁମ୍ଭେ ନିଜେ ଅପଣା ଆଚରଣରେ ସତ୍କର୍ମର ଆଦର୍ଶ ଦେଖାଅ, ଶିକ୍ଷାରେ ଅକୃତ୍ରିମ ଓ ଗଭୀର ଭାବ ଏବଂ ହିତଜନକ ଅଖଣ୍ଡନୀୟ ବାକ୍ୟ ପ୍ରକାଶ କର । (ତୀତସ ୨:୭)

> ଯେଉଁମାନେ ତୁମ୍ଭମାନଙ୍କୁ ଈଶ୍ୱରଙ୍କ ବାକ୍ୟ କହିଥିଲେ, ତୁମ୍ଭମାନଙ୍କ ଏପରି ନେତାମାନଙ୍କୁ ସ୍ମରଣ କର; ସେମାନଙ୍କ ଜୀବନଯାତ୍ରାର ଶେଷ ଗତି ପ୍ରତି ଦୃଷ୍ଟି ରଖି ସେମାନଙ୍କ ବିଶ୍ୱାସର ଅନୁକାରୀ ହୁଅ । (ଏବ୍ରୀ ୧୩: ୭)

ଯୀଶୁ ସର୍ବଶ୍ରେଷ୍ଠ ଶିକ୍ଷକ ଥିଲେ, କିନ୍ତୁ ଅନେକ ସମୟରେ ଶିଷ୍ୟମାନେ ତାହାଙ୍କୁ ପଚାରିଲେ, "ତୁମ୍ଭେ କ'ଣ କହିବାକୁ ଚାହୁଁଅଛ ?" ସେମାନଙ୍କୁ ଅଟକାଇବା ଓ ବୁଝେଇବା, ସେମାନଙ୍କର ପ୍ରଶ୍ନର ଉତ୍ତର ଦେବା ତାହାଙ୍କ ଇଚ୍ଛା, ଦର୍ଶାଏ ଯେ ସେବାକାର୍ଯ୍ୟର ଅନ୍ୟାନ୍ୟ ଦିଗ ଯେପରିକି ଆରୋଗ୍ୟ, ଓ ପ୍ରଚାର, ସେମାନଙ୍କୁ ଶିଷ୍ୟ କରିବା ଅପେକ୍ଷା ଗୁରୁତ୍ୱପୂର୍ଣ୍ଣ ନୁହେଁ ! ଯୀଶୁଙ୍କ ଜୀବନ ଅନ୍ୟମାନଙ୍କୁ ଶିଷ୍ୟ କରିବାରେ ପ୍ରଭୁଙ୍କ ମୂଲ୍ୟ ଏବଂ ପ୍ରାଥମିକତାକୁ ପ୍ରକାଶ କଲା ।

ଯୀଶୁ ପ୍ରେରିତମାନଙ୍କୁ ଅଧିକ ଶ୍ରମିକଙ୍କ ପାଇଁ କର୍ତ୍ତାଙ୍କ ନିକଟରେ ପ୍ରାର୍ଥନା କରିବାକୁ କହିଲେ:

> ଏଥିଉତ୍ତାରେ ଯୀଶୁ ସେମାନଙ୍କ ସମାଜଗୃହସମୂହରେ ଶିକ୍ଷା ଦେଇ ରାଜ୍ୟର ସୁସମାଚାର ଘୋଷଣା କରି ଏବଂ ସମସ୍ତ ପ୍ରକାର ରୋଗ ଓ ସମସ୍ତ ପ୍ରକାର ପୀଡ଼ା ସୁସ୍ଥ କରି ସମୁଦାୟ ନଗର, ପୁଣି ଗ୍ରାମଗୁଡ଼ିକରେ ଭ୍ରମଣ କରିବାକୁ ଲାଗିଲେ । ଆଉ, ଲୋକସମୂହକୁ ଦେଖି ସେମାନଙ୍କ ପ୍ରତି ସେ ଦୟାରେ ବିଗଳିତ ହେଲେ, କାରଣ ସେମାନେ ଅରକ୍ଷକ ମେଷ ପରି ଦୁର୍ଦ୍ଦଶାଗ୍ରସ୍ତ ଓ ଛିନ୍ନଭିନ୍ନ ଥିଲେ । ସେତେବେଳେ ଯୀଶୁ ଆପଣା ଶିଷ୍ୟମାନଙ୍କୁ କହିଲେ, "ଶସ୍ୟ

> ସିନା ପ୍ରଚୁର, ମାତ୍ର କାର୍ଯ୍ୟକାରୀମାନେ ଅଳ୍ପ । ଏଣୁ ଆପଣା ଶସ୍ୟକ୍ଷେତ୍ରକୁ କାର୍ଯ୍ୟକାରୀମାନଙ୍କୁ ପଠାଇଦେବା ନିମନ୍ତେ ଶସ୍ୟକ୍ଷେତ୍ରର କର୍ତ୍ତାଙ୍କ ନିକଟରେ ନିବେଦନ କର ।" (ମାଥିଉ ୯:୩୫-୩୮)

ଜଣେ ଶ୍ରମିକ ହେଉଛି ଜଣେ ଆତ୍ମିକ କର୍ମୀ, ଉଭୟ ଶିଷ୍ୟ ଏବଂ ଶିଷ୍ୟକାରୀ । ପ୍ରତ୍ୟେକ ବିଶ୍ୱାସୀ ଶ୍ରମିକଙ୍କର ଏହି କାର୍ଯ୍ୟ ପାଇଁ ସିଦ୍ଧାନ୍ତରେ ଯୋଗ୍ୟତା ଅର୍ଜନ କରନ୍ତି । କିନ୍ତୁ କେତେ ଜଣ ବିଶ୍ୱାସୀମାନେ ଖ୍ରୀଷ୍ଟଙ୍କୁ ଏତେ ବିଶ୍ୱସ୍ତ ଭାବରେ ଅନୁସରଣ କରନ୍ତି ଯେ ସେମାନେ ବିଶ୍ୱାସର ଛୋଟ ବ୍ୟକ୍ତିଙ୍କ ପାଇଁ ନେତୃତ୍ୱ, ଶିକ୍ଷା କିମ୍ବା ଉଦାହରଣ ହେବାକୁ ଯୋଗ୍ୟ ଅଟନ୍ତି ? ପ୍ରତ୍ୟେକ ଖ୍ରୀଷ୍ଟିୟାନ ଏହି ଶ୍ରମ ଶକ୍ତି ପାଇଁ ଜଣେ ସମ୍ଭାବ୍ୟ କର୍ମୀ ଅଟନ୍ତି । ଯୀଶୁ ସେହି ଲୋକମାନଙ୍କ ନିମନ୍ତେ ଯନ୍ତ୍ରଣା ପାଇଲେ, ଏବଂ ସେ ବର୍ତ୍ତମାନ ଲୋକଙ୍କ ପାଇଁ ମଧ୍ୟ ଯନ୍ତ୍ରଣା ଭୋଗୁଛନ୍ତି । ଯୀଶୁ ଖ୍ରୀଷ୍ଟ ହିଁ ଜଣେ ବ୍ୟକ୍ତିଙ୍କୁ ଉଦ୍ଧାର କରନ୍ତି, ଓ ସେହିଠାରେ ହିଁ ଆମ୍ଭର ଅଂଶ ଆରମ୍ଭ ହୁଏ, ପରିପକ୍ୱତା ପର୍ଯ୍ୟନ୍ତ ଶିଷ୍ୟ କରିବା ସେ  ଯେପରି କଲେ । ହଁ, ଆମ୍ଭେମାନେ ସୁସମାଚାର ପ୍ରଚାର କରିବା ଏବଂ ଯୀଶୁ ଖ୍ରୀଷ୍ଟଙ୍କୁ ଗ୍ରହଣ କରିବାକୁ ନିମନ୍ତ୍ରଣ କରିବା ଆବଶ୍ୟକ, କିନ୍ତୁ ଶିଷ୍ୟମାନଙ୍କୁ ସୃଷ୍ଟି କରିବା ମଧ୍ୟ ସମାନ ଗୁରୁତ୍ୱପୂର୍ଣ କାର୍ଯ୍ୟ ଅଟେ ! ଆମ୍ଭେମାନେ ଏହା କିପରି କରିବା ?

"ଶିଷ୍ୟ କରିବା" ହେଉଛି ଅନ୍ୟକୁ ଖ୍ରୀଷ୍ଟଙ୍କ ଅନୁକରଣକାରୀ ହେବାରେ ସାହାଯ୍ୟ କରିବା । ଏହା ନେତୃତ୍ୱରୁ ଆରମ୍ଭ ହୁଏ:

> ସେ କାହାକାହାକୁ ପ୍ରେରିତ, କାହାକାହାକୁ ଭାବବାଦୀ, କାହାକାହାକୁ ସୁସମଚାର ପ୍ରଚାରକ, ପୁଣି କାହାକାହାକୁ ପାଳକ ଓ ଶିକ୍ଷକ ରୂପେ ନିଯୁକ୍ତ କରି ଦାନ କରିଅଛନ୍ତି; ଯେପରି ସାଧୁମାନେ ସେବାକାର୍ଯ୍ୟ ନିମନ୍ତେ ସିଦ୍ଧି ଲାଭ କରନ୍ତି ଓ ଖ୍ରୀଷ୍ଟଙ୍କ ଶରୀର ନିଷ୍ପା ପ୍ରାପ୍ତ ହୁଏ । (ଏଫିସୀୟ ୪:୧୧-୧୨)

ସଂକଳ୍ପ ହେଉଛି ତାହା ଯେପରି ମଣ୍ଡଳୀର ନେତୃବୃନ୍ଦ ଯୀଶୁଙ୍କ ଶିକ୍ଷାକୁ ଅତି ନିଜର କରି ଖ୍ରୀଷ୍ଟିୟାନ ଜୀବନଜାପାନ କରନ୍ତି, ଈଶ୍ୱର ସେମାନଙ୍କ ଜୀବନରେ କାର୍ଯ୍ୟ କରିଥିବା ଅଭିଜ୍ଞତାର ଜ୍ଞାନ ଓ ଶକ୍ତିକୁ ଅତିକ୍ରମ କରି ସେମାନେ ଅନ୍ୟମାନଙ୍କୁ ଶିକ୍ଷା ଓ ଉପଦେଶ ଦେବା ପାଇଁ ଅନ୍ୟମାନଙ୍କୁ ଶିକ୍ଷା ଏବଂ ପରାମର୍ଶ ଦିଅନ୍ତି । ଏହା, ଅନ୍ୟମାନଙ୍କଠାରେ ବିଶ୍ୱାସ ଏବଂ ପରିପକ୍ୱତାକୁ ପୁନଃ ପ୍ରକାଶିତ କରେ ଯାହା ଦ୍ୱାରା ସେମାନେ ଅନ୍ୟମାନଙ୍କ ଜୀବନକୁ ସ୍ୱର୍ଶ କରିପାରିବେ (୨ ତୀମଥି ୨:୨) । ଯେପରି ଆପଣ ନିମ୍ନ ସଜ୍ଞା ଅଧ୍ୟୟନ କରନ୍ତି, ଶିଷ୍ୟ କରିବା ଅଂଶ ସହିତ ସମ୍ପର୍କିତ ଗାର ଟଣାଯାଇଥିବା ପ୍ରସଙ୍ଗଗୁଡ଼ିକ ଉପରେ ବିଶେଷ ଧ୍ୟାନ ଦିଅନ୍ତୁ । ଯଦି ଆପଣ ଅତି ନିକଟରୁ ଦେଖିବେ, ତେବେ ଲକ୍ଷ କରିବେ ଯେ ଏହି ସଜ୍ଞା ଶିଷ୍ୟ କରିବାର ଉଦ୍ଦେଶ୍ୟ ଏବଂ ପ୍ରକ୍ରିୟାକୁ

ବର୍ଣ୍ଣନା କରେ ଯାହା ଖ୍ରୀଷ୍ଟ ତାଙ୍କ ଶିଷ୍ୟମାନଙ୍କ ସହିତ ଯୋଗାଯୋଗ କରିଥିଲେ । ଏହି ସଜ୍ଞା ଉପରେ ଧ୍ୟାନ କରିବାକୁ କିଛି ସମୟ ନିଅନ୍ତୁ ।

> **ଶିଷ୍ୟ କର:** (କ୍ରିୟା, ଗ୍ରୀକ) "ମାଥେଟେଉଓ, " ଅର୍ଥାତ ଜଣକୁ ଶିଷ୍ୟ କରିବା (ମାଥିଉ ୨୮:୧୯; ପ୍ରେରିତ ୧୪:୨୧); ଜଣକୁ ଶିଷ୍ୟ କରିବା ଉଦ୍ଦେଶ୍ୟରେ ନିର୍ଦ୍ଦେଶ ଦେବା (ମାଥିଉ ୧୩:୫୨) । ଏହା "ପରିବର୍ତ୍ତନ" ସହିତ ସମାନ ନୁହେଁ, ଯଦିଓ ଏହା ନିଶ୍ଚିତ ଭାବରେ ସୂଚିତ ହୋଇଅଛି । "ଶିଷ୍ୟ କର" ଏହି ଶବ୍ଦ ଉତ୍ତେଜନା ଠାରୁ ଅଧିକ ସତ୍ୟକୁ ସୃଷ୍ଟି କରେ ଯେ ମନ, ହୃଦୟ ଏବଂ ଇଚ୍ଛା, ଈଶ୍ୱରଙ୍କ ପାଇଁ ଜିତିବା ଆବଶ୍ୟକ[1] ନୂତନ ବିଶ୍ୱାସୀ କିପରି ଯୀଶୁଙ୍କୁ ଅନୁସରଣ କରିବେ, ଯୀଶୁଙ୍କ ପ୍ରଭୁତ୍ୱରେ ସମର୍ପଣ କରିବେ ଓ ତାହା ଉପରେ ନିର୍ଦ୍ଦେଶ ଦେବେ ଏବଂ ତାହାଙ୍କ ସହାନୁଭୂତି ସେବାକାର୍ଯ୍ୟକୁ ଆଗକୁ କଡେଇ ନେବେ ।[2] ଏହା ମଧ୍ୟ ଲୋକମାନଙ୍କୁ ଯୀଶୁଙ୍କ ସହିତ ସମ୍ପର୍କ ସ୍ଥାପନ କରେ ଯେପରି ଲୋକମାନଙ୍କ ସହିତ ଶିକ୍ଷକ ଏବଂ ସେମାନଙ୍କୁ ତାହାଙ୍କ ନିର୍ଦ୍ଦେଶର ଜୁଆଳିକୁ ପରାଧିନ ଭାବରେ ଗ୍ରହଣ କରିବା, ତାହାଙ୍କ ବାକ୍ୟକୁ ସତ୍ୟ ଭାବରେ ଗ୍ରହଣ କରିବା ଏବଂ ସଠିକ ଭାବରେ ତାହାଙ୍କ ଇଚ୍ଛାରେ ସମର୍ପଣ (ମାଥିଉ ୧୧:୨୯)।[3]

ପାଉଲ ତାଙ୍କର ସମସ୍ତ ସେବାକାର୍ଯ୍ୟରେ ଏହି ଆଚରଣର ଉଦାହରଣକୁ ଦେଇଅଛନ୍ତି । ସେ ଏଫିସରେ ତିନି ବର୍ଷ ଅତିବାହିତ କରି ବିଶ୍ୱାସୀମାନଙ୍କୁ "ଈଶ୍ୱରଙ୍କ ସଂପୂର୍ଣ୍ଣ ପରାମର୍ଶ" ଦେଇ ବ୍ୟକ୍ତିଗତ ଭାବରେ ଶିଷ୍ୟ କଲେ, ଯେପରି ସେମାନେ ଖ୍ରୀଷ୍ଟଙ୍କଠାରେ ପରିପକ୍ୱ ହେବେ (ପ୍ରେରିତ ୨୦:୨୭-୩୧) । ସେ ନେତାମାନଙ୍କୁ ମଧ୍ୟ ଶିଷ୍ୟ କଲେ ଏବଂ ସେମାନଙ୍କୁ ସମାନ କାର୍ଯ୍ୟ କରିବାକୁ, ଅନ୍ୟ ବିଶ୍ୱାସୀମାନଙ୍କୁ ଶିକ୍ଷା ଦେବା ପାଇଁ ସେମାନଙ୍କର ଶକ୍ତି ଏବଂ ସମୟ ଅତିବାହିତ କରିବାକୁ ଶିକ୍ଷା ଦେଲେ (୨ ତୀମଥି ୨:୨) ।  "ଶିଷ୍ୟମାନଙ୍କ ଆତ୍ମାକୁ ଦୃଢ କରିବା, ସେମାନଙ୍କୁ ବିଶ୍ୱାସରେ ସ୍ଥିର ରହିବାକୁ ଉତ୍ସାହିତ କରିବା" ଉଦ୍ଦେଶ୍ୟରେ ପାଉଲ ଏବଂ ବର୍ଣବବା ତାଙ୍କର ସେବାକାର୍ଯ୍ୟର ଯାତ୍ରାରେ ଲୁସ୍ତ୍ରା, ଇକନୀୟ ଓ ଆନ୍ତିୟଖିଆରେ ଥିବା ବିଶ୍ୱାସୀଙ୍କ ନିକଟକୁ ଫେରିଗଲେ (ପ୍ରେରିତ ୧୪:୨୧-୨୨)। *ସବଳ କରିବା* ଅର୍ଥ ହେଉଛି ସେମାନେ ଈଶ୍ୱରଙ୍କ ବାକ୍ୟ ପ୍ରଚାର କରିଅଛନ୍ତି ଏବଂ *ଉତ୍ସାହିତ କରିବା* ଅର୍ଥାତ ସେମାନେ ବିଶ୍ୱାସୀମାନଙ୍କୁ ଖ୍ରୀଷ୍ଟଙ୍କ ଆଦେଶକୁ ପାଳିବା ଓ ସହ୍ୟ କରିବାକୁ ଅନୁରୋଧ କରିଅଛନ୍ତି ।

---

[1] ୱିଲିୟମ ହେଣ୍ଡରୀକସେନ ଏଣ୍ଡ ସାଇମନ ଜ. କିସ୍ଟେମେକର, ଭଲ୍ୟୁମ ୯, ମାଥିଉଙ୍କ ଅନୁଯାୟୀ ସୁସମାଚାର ଅଭିବ୍ୟକ୍ତି, ନୂତନ ନିୟମ ମନ୍ତବ୍ୟ (ଗ୍ରାଣ୍ଡ ରପିଡ୍ସ: ବେକେର ବୁକ ହାଉସ, ୧୯୫୩-୨୦୦୧), ୯୯୯.

[2] ବୃସ ବି. ବର୍ଟନ, ମାଥିଉ, ଜୀବନ ପ୍ରୟୋଗ ବାଇବଲ ମନ୍ତବ୍ୟ (ହ୍ୱିଟୋନ,ଆଇଏଲ: ଟିଣ୍ଡାଲେ ହାଉସ ପବ୍ଲିଷର୍ଷ, ୧୯୯୬), ୫୬୭-୬୮.

[3] ଟୋମ କୋନଷ୍ଟାବ୍ଲେ, ବାଇବଲ ଉପରେ ଟୋମ ଙ୍କ ଏକ୍ସ୍ପୋଷିଟୋରୀ ଟିପ୍ପଣୀ (ଗ୍ଲାଲାକ୍ସି ସଫ୍ଟୱେର, ୨୦୦୩), ମାଥିଉ ୨୮:୧୯.

# ଖ୍ରୀଷ୍ଟଙ୍କ ଉଦାହରଣକୁ ଗ୍ରହଣ କରିବା

ତୃତୀୟ ଭାଗ ହେଉଛି ଉଦ୍ଦେଶ୍ୟମୂଳକ ଯୋଗାଯୋଗ ମାଧ୍ୟମରେ ଖ୍ରୀଷ୍ଟଙ୍କ ଉଦାହରଣକୁ ଗ୍ରହଣ କରିବା ଓ ଅନ୍ୟକୁ ଶିଷ୍ୟ କରିବାର ଅର୍ଥ କ'ଣ, ଯୀଶୁ ଏହି ବିଷୟରେ ଏକ ଉତ୍ତମ ଉଦାହରଣ ଦେଇଅଛନ୍ତି:

> କାରଣ ତୁମ୍ଭେମାନଙ୍କ ପ୍ରତି ମୁଁ ଯେପରି କରିଅଛି, ତୁମ୍ଭେମାନେ ମଧ୍ୟ ସେପରି କର, ଏଥିନିମନ୍ତେ ମୁଁ ତୁମ୍ଭମାନଙ୍କୁ ଗୋଟିଏ ଆଦର୍ଶ ଦେଖାଇଅଛି । ସତ୍ୟ ସତ୍ୟ ମୁଁ ତୁମ୍ଭମାନଙ୍କୁ କହୁଅଛି, ଦାସ ଆପଣା କର୍ତ୍ତାଠାରୁ ଶ୍ରେଷ୍ଠ ନୁହେଁ, କିମ୍ବା ପ୍ରେରିତ ଆପଣା ପ୍ରେରକଠାରୁ ଶ୍ରେଷ୍ଠ ନୁହେଁ । ଯଦି ତୁମ୍ଭେମାନେ ଏହିସବୁ ଜାଣ, ତେବେ ସେହିପ୍ରକାର କଲେ ତୁମ୍ଭେମାନେ ଧନ୍ୟ । (ଯୋହନ ୧୩:୧୫-୧୭)

ସେ ବାର ଜଣକୁ ମନୋନୀତ କରି ବ୍ୟକ୍ତିଗତ ଭାବରେ ସେମାନଙ୍କୁ ଶିକ୍ଷା ଦେଲେ, ଯୀଶୁଙ୍କ ପ୍ରତିଜ୍ଞା ଅନୁସାରେ ପବିତ୍ର ଆତ୍ମା ସେମାନଙ୍କ ଉପରେ ଅବତ୍ତିର୍ଣ୍ଣ କଲା ପରେ ସେମାନେ ମଣ୍ଡଳୀର ପ୍ରତିଷ୍ଠାତାମାନେ ହେଲେ; ଯୀଶୁ ଯେଉଁ ଶିକ୍ଷା ଦେଇଥିଲେ ସେ ଅନୁସାରେ ଏହି ବ୍ୟକ୍ତିମାନେ ଅନ୍ୟମାନଙ୍କ ସମୁଖରେ ଏକ ବିଶ୍ୱସ୍ତ ନେତା ଏବଂ ଶିକ୍ଷକ ଭାବରେ ନିଜକୁ ସମର୍ପଣ କଲେ ।

ଶିଷ୍ୟକରିବା କିମ୍ବା ଶିଷ୍ୟତ୍ୱ, ହେଉଛି ଏକ ପ୍ରକ୍ରିୟା ଯାହା ଆମ୍ଭେମାନେ ଲୋକମାନଙ୍କୁ ଖ୍ରୀଷ୍ଟଙ୍କ ଅନୁକରଣକାରୀ ହେବାକୁ ସାହାଯ୍ୟ କରୁଅଛୁ । ଯଦିଓ ଏହି ନିର୍ଦ୍ଦିଷ୍ଟ ଶବ୍ଦଗୁଡ଼ିକ ବାଇବଲରେ ବ୍ୟବହୃତ ହୋଇ ନାହିଁ, ଏହି ଧାରଣାଟି ଯୀଶୁ ତାହାଙ୍କ ଅନୁଗାମୀମାନଙ୍କୁ ଯେପରି ଶିକ୍ଷା ଦେଇଥିଲେ ଏବଂ ବାକ୍ୟରେ ଯେପରି ମାଥିଉ ୨୮:୧୯-୨୦ ଓ ଅନ୍ୟାନ୍ୟ ନୂତନ ନିୟମର ପଦଗୁଡ଼ିକ ଦ୍ୱାରା ସ୍ପଷ୍ଟ ଭାବରେ ଯୋଗାଯୋଗ କରାଯାଇଥାଏ । ପରବର୍ତ୍ତୀ ଅଧ୍ୟୟନଗୁଡ଼ିକ ଆମ୍ଭେମାନେ ଯେଉଁ ସଜ୍ଞା ବର୍ତ୍ତମାନ ଶିଖିଲୁ ଏବଂ ଶିଷ୍ୟକରିବାର ପ୍ରକ୍ରିୟା  ମଧ୍ୟରେ ଏକ ସଂଯୋଗ ଦେଖାଇବ, ବିଶେଷ କରି ଯେପରି ଏହା ଆପଣଙ୍କ ପ୍ରଭାବ ପରିସର ମଧ୍ୟରେ ରହିଅଛି । ଗ୍ରେଗ ଅଗଡେନ[4]ଙ୍କଠାରୁ ଏହି ସଜ୍ଞା ମଧ୍ୟ ବାଇବଲ ଧାରଣାଗୁଡ଼ିକୁ ବର୍ଣ୍ଣନା କରେ ଯାହାକୁ ଆମ୍ଭେମାନେ ଚର୍ଚ୍ଚର ନେତା ଓ ବିଶ୍ୱାସୀମାନଙ୍କ ମଧ୍ୟରେ ବ୍ୟବହାର କରିବା ଉଚିତ ।

> ***ଶିଷ୍ୟକରିବା/ଶିଷ୍ୟତ୍ୱ:*** "ଶିଷ୍ୟକରିବା ହେଉଛି ଏକ ଉଦ୍ଦେଶ୍ୟମୂଳକ ସମ୍ପର୍କ ଯେଉଁଥିରେ ଆମ୍ଭେମାନେ ଅନ୍ୟ ଶିଷ୍ୟମାନଙ୍କ ସହିତ ଖ୍ରୀଷ୍ଟଙ୍କ ପରିପକ୍ୱତାକୁ

[4] ଗ୍ରେଗ ଅଗଡେନ, *ଶିଷ୍ୟତ୍ୱ ଅତ୍ୟାବଶ୍ୟକ: ସଂଶୋଧିତ ଓ ବିସ୍ତାରିତ* (କଲମ୍ବିଆ, ଏମ ଡି: ଆଇ ବି ପି କନେକ୍ଟ ,୨୦୧୯)।

> ବୁଝିବା ନିମନ୍ତେ ପ୍ରେମରେ ପରସ୍ପରକୁ ଉତ୍ସାହିତ କରିବା, ସଜାଇବା ଏବଂ ସମ୍ମୁଖରେ ଥିବା ବାଧା ପାଇଁ ଆହ୍ୱାନ କରିବା । ଅନ୍ୟମାନଙ୍କୁ ମଧ୍ୟ ଶିକ୍ଷା ଦେବା ପାଇଁ ଶିଷ୍ୟକୁ ସଜାଇବା ଏଥିରେ ଅନ୍ତର୍ଭୁକ୍ତ ଅଟେ ।" (ମୋର ଗୁରୁତ୍ୱ)

ଯଦିଓ ଏହି ସଜ୍ଞା ସମସ୍ତ ଶିଷ୍ୟତ୍ୱ ସହିତ ଅନ୍ତର୍ଭୁକ୍ତ, ମୁଁ ଏହାକୁ ବିଶେଷ ଭାବରେ ଚର୍ଚ୍ଚର ନେତାମାନଙ୍କୁ ଓ ମଣ୍ଡଳୀ ସହିତ ଥିବା ସେମାନଙ୍କର ସମ୍ପର୍କ ସହିତ ଯୋଡ଼ିତ କରିବାକୁ ଚାହୁଁଅଛି । ଶିଷ୍ୟତ୍ୱର ଏହି ଛବି ଗୋଟେ ଚର୍ଚ୍ଚ କ'ଣ କରିବା ଉଚିତ ତାହା ବର୍ଣ୍ଣନା କରେ ଏବଂ ଖ୍ରୀଷ୍ଟ ତାଙ୍କ ସହିତ ଯାହା କରିଥିଲେ ତାହା ବ୍ୟାଖ୍ୟା କରେ । ଚର୍ଚ୍ଚରେ ବିଶ୍ୱାସୀମାନଙ୍କୁ ପ୍ରକୃତରେ ଶିଷ୍ୟ କରିବାର ଅର୍ଥ ସେମାନଙ୍କ ସହିତ ଉଦ୍ଦେଶ୍ୟମୂଳକ ସମ୍ପର୍କ ରଖିବା । ଏହା ହେଉଛି ଆମ୍ଭମାନଙ୍କର ଦାୟିତ୍ୱ । ଯୀଶୁ ତାହାଙ୍କ ଶିଷ୍ୟମାନଙ୍କୁ ତାହାଙ୍କୁ ଅନୁସରଣ କରିବାକୁ କିମ୍ବା ତାହାଙ୍କ ସହିତ ଚାଲିବାକୁ ଆହ୍ୱାନ କଲେ, କିନ୍ତୁ ସେ ପ୍ରଥମ ପଦକ୍ଷେପ ନେଇ ଉଦ୍ଦେଶ୍ୟମୂଳକ ଥିଲେ । ଆମ୍ଭମାନଙ୍କୁ ବୁଝିବାକୁ ପଡ଼ିବ ଯେ ଉଦ୍ଦେଶ୍ୟମୂଳକ ସମ୍ପର୍କ ହଠାତ ହୁଏ ନାହିଁ; ସେଥି ନିମନ୍ତେ ଏକ ପୂର୍ବ ନିର୍ଦ୍ଧାରିତ ଯୋଜନା ରହିବା ଆବଶ୍ୟକ ଯାହା ରକ୍ଷଣାବେକ୍ଷଣ ଏବଂ ସ୍ଥିର ଅଟେ । ଏହା ହେଉଛି ଏହି କାର୍ଯ୍ୟପୁସ୍ତିକାର ତାତ୍ପର୍ଯ୍ୟ - ଆପଣଙ୍କୁ ଏକ ଯୋଜନା ଦେବା ନିମନ୍ତେ ଯାହା ଆପଣଙ୍କୁ ଶିଷ୍ୟତ୍ୱ ପ୍ରକ୍ରିୟା ଆରମ୍ଭ କରିବାରେ ସାହାଯ୍ୟ କରିବ ।

ଜଣେ ଶିଷ୍ୟ ଶିଖିବା ପାଇଁ ସମୟ ଓ ଧ୍ୟାନ ନ ଦେଇ ସେମାନଙ୍କ ବିଶ୍ୱାସ ଆଡ଼କୁ ଦୃଷ୍ଟି ଦେଇ ପାରିବେ ନାହିଁ । ପରିବାରମାନେ ଆଜି ଅସୁବିଧାର ସମ୍ମୁଖୀନ ହେଉଛନ୍ତି କାରଣ ସେମାନେ ହୁଏତ ସେମାନଙ୍କୁ ସାହାଯ୍ୟ କରିବା ପାଇଁ ଉପଲବ୍ଧ ଥିବା ସମସ୍ତ ସୂଚନା ବିଷୟରେ ଅବଗତ ନୁହନ୍ତି, କିମ୍ବା ସେମାନେ ଈଶ୍ୱରଙ୍କ ବାକ୍ୟ ଶିଖିବା ଏବଂ ଅନୁସରଣ କରିବା ଉପରେ ଦୃଷ୍ଟି ପକାଉ ନାହାନ୍ତି । ଅନେକ ଖ୍ରୀଷ୍ଟିୟାନ ଦମ୍ପତି ପରସ୍ପର ମଧ୍ୟରେ ସମ୍ପର୍କ ସ୍ଥାପନ ପାଇଁ କିଛି ବିଷୟକୁ ସମାଧାନ କରୁଛନ୍ତି ଯାହା ଈଶ୍ୱର ସେମାନଙ୍କ ପାଇଁ ଯାହା ଇଚ୍ଛା କରନ୍ତି ତାହାଠାରୁ କମ ଅଟେ । କେତେଜଣ ଆବଶ୍ୟକ ହେଉଥିବା ସାହାଯ୍ୟ କେଉଁଠୁ ପାଇବେ ତାହା ଜାଣନ୍ତି ନାହିଁ ? ଏଥିରୁ ଜଣାପଡ଼େ ଯେ ସାପ୍ତାହିକ ପୃଷ୍ଠଭଙ୍ଗ, ପୁସ୍ତକ ଓ ପରାମର୍ଶ ମଧ୍ୟ ସମସ୍ୟାର ସମାଧାନ କରୁନାହିଁ ।

ପୁସ୍ତକ ଏବଂ ପୃଷ୍ଠଭଙ୍ଗରେ ସମସ୍ୟାର ସର୍ବୋତ୍ତମ ଉତ୍ତର ମିଳିବ ବୋଲି ଯୀଶୁ ସୂଚାଇ ଦେଇଅଛନ୍ତି କି ? ନା, ସେ କୁହନ୍ତି,

> କାରଣ ତୁମ୍ଭେମାନଙ୍କ ପ୍ରତି ମୁଁ ଯେପରି କରିଅଛି, ତୁମ୍ଭେମାନେ ମଧ୍ୟ ଯେ ସେପରି କର, ଏଥିନିମନ୍ତେ ମୁଁ ତୁମ୍ଭମାନଙ୍କୁ ଗୋଟିଏ ଆଦର୍ଶ ଦେଖାଇଅଛି । (ଯୋହନ ୧୩:୧୫)

ଚର୍ଚ୍ଚ ବୁଝିବା ଆବଶ୍ୟକ ଯେ ପୃଷ୍ଠଭଙ୍ଗ ଏବଂ ପରାମର୍ଶ ସାହାଯ୍ୟକାରୀ, କିନ୍ତୁ ସଫଳ ଖ୍ରୀଷ୍ଟିୟାନ ଜୀବନ ପାଇଁ ଲୋକଙ୍କୁ ପ୍ରସ୍ତୁତ କରିବା ସମୟରେ ସେଗୁଡ଼ିକ ଶିଷ୍ୟତ୍ୱ ନିମନ୍ତେ କୌଣସି ପ୍ରତିକଳ୍ପ ନୁହନ୍ତି ।

ପାପ ବିରୁଦ୍ଧରେ ପ୍ରଥମେ ଯୁଦ୍ଧ ରେଖା ଭାବରେ ଯୀଶୁ ସର୍ବଦା ବ୍ୟକ୍ତିଗତ ଉଦାହରଣ ଏବଂ ବ୍ୟକ୍ତିଗତ ସଂପର୍କକୁ ପ୍ରୋତ୍ସାହିତ କରନ୍ତି । ଏହା ଅନ୍ୟର ଆତ୍ମିକ ଅଭିବୃଦ୍ଧି ଏବଂ ପ୍ରଗତିରେ ନିଜକୁ ବିନିଯୋଗ କରିବାକୁ ଇଚ୍ଛୁକ ବ୍ୟକ୍ତିଙ୍କ ସହିତ ସମ୍ପର୍କରେ ସମୟ ଅତିବାହିତ କରିବାକୁ ଆବଶ୍ୟକ କରେ । ଏହା ହେଉଛି ଶିଷ୍ୟତ୍ୱ, ଜଣେ ବିଶ୍ୱାସୀଙ୍କ ଉଦ୍ୟମ, ଯିଏ ଦୁଃଖ ଓ ପ୍ରଲୋଭନ ଦ୍ୱାରା ପରିକ୍ଷୀତ ହୋଇଅଛି ଏବଂ ଆଜ୍ଞା ପାଳନ କରିବାକୁ ଶିଖିଅଛି-ଜଣେ ବ୍ୟକ୍ତି ଯେ ବର୍ତ୍ତମାନ ଅନ୍ୟ, କିମ୍ବା ଅନ୍ୟମାନଙ୍କ ସହିତ ଚାଲିବାକୁ ସକ୍ଷମ ଓ ଇଚ୍ଛୁକ, ସେମାନଙ୍କୁ ମାର୍ଗଦର୍ଶନ, ଶିକ୍ଷା ଏବଂ ଦୃଢକରିବା ପାଇଁ ଇଚ୍ଛୁକ ଅଟେ ।

ଯୀଶୁ ଅନ୍ୟମାନଙ୍କୁ କିପରି ଶିଷ୍ୟ କଲେ ତାହା ଜାଣିବା ପାଇଁ ଆପଣଙ୍କୁ କେବଳ ଯୀଶୁଙ୍କ ଜୀବନ ଉପରେ ଧ୍ୟାନ ଦେବାକୁ ପଡ଼ିବ । ସେ ତାହାଙ୍କ ଚତୁର୍ଦ୍ଦିଗରେ ଥିବା ଲୋକମାନଙ୍କୁ କ୍ରମାଗତ ଭାବରେ ସେବା କରୁଥିଲେ, ତାହାଙ୍କ ପ୍ରେରିତମାନେ ମଧ୍ୟ ଈଶ୍ୱରଙ୍କ ଇଚ୍ଛାକୁ ଶିକ୍ଷା ଏବଂ ଉଦାହରଣ ଦେଇ ସେମାନଙ୍କ ଜୀବନ ସର୍ବଦା ଅନ୍ୟମାନଙ୍କ ନିକଟରେ ଉତ୍ସର୍ଗ କଲେ । ଉଦାହରଣଗୁଡ଼ିକର ତାଲିକା ଆତ୍ମ-ସ୍ୱଷ୍ଟ; ଶିଷ୍ୟତ୍ୱ ହେଉଛି ଏକ ଆଦର୍ଶ ଯାହା ଯୀଶୁ ତାହାଙ୍କ ବିଶ୍ୱସ୍ତ ଅନୁଗାମୀମାନଙ୍କ ଦ୍ୱାରା ଜାରି ରଖିବାକୁ ସ୍ଥିର କଲେ ।

ଆମ୍ଭେ ଯେପରି ସୁସମାଚାର ପଠନ କରୁ, ଆମ୍ଭେମାନେ ଦେଖୁ ଯେ ଖ୍ରୀଷ୍ଟ କିପରି ତାଙ୍କ ଜୀବନକୁ ବାରଜଣ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ମଧ୍ୟରେ ଉତ୍ସର୍ଗ କଲେ, ଯେଉଁମାନଙ୍କୁ ସେ ଖୋଜିଥିଲେ, ଓ ଯେଉଁମାନେ ତାହାଙ୍କୁ ଅନୁସରଣ କରିବାକୁ ରାଜି ହୋଇଥିଲେ- ସେ ତିନି ବର୍ଷ ମଧ୍ୟରେ ଉଦ୍ଦେଶ୍ୟମୂଳକ ଭାବରେ ସେମାନଙ୍କୁ ଶିଷ୍ୟ କରିଥିଲେ । ସେମାନେ ଶିଖିଲେ, ଦେଖିଲେ, ପ୍ରଶ୍ନ ପଚାରିଲେ, ତାଙ୍କ ଶିକ୍ଷା ଶୁଣିଲେ, ଏବଂ ତାହାଙ୍କ ଆଚରଣକୁ ଅନୁକରଣ କରିବାକୁ ଲାଗିଲେ । ସେ ଯେଉଁଆଡ଼େ ଗଲେ, ତାହା ସେମାନଙ୍କ ଶ୍ରେଣୀଗୃହ ହେଲା । ଶିଷ୍ୟମାନେ ଗୋଟିଏ ଜୀବନର ଶିକ୍ଷାଠାରୁ ଅନ୍ୟ ଜୀବନକୁ ଯିବାବେଳେ ଯୀଶୁ ସେମାନଙ୍କୁ ଶିକ୍ଷା ଦେଲେ; ଯେତେବେଳେ ସେମାନେ କିଛି ବୁଝିପାରିଲେ ନାହିଁ, ସେ ଅଟକି ଗଲେ ଓ ବୁଝାଇଲେ (ମାର୍କ ୪:୩୪); ଯେତେବେଳେ ସେମାନେ କିଛି ବୁଝୁନଥିଲେ ସେ ସ୍ୱଷ୍ଟ କରିଥିଲେ (ମାର୍କ ୮:୧୫-୨୧); ଓ ଯେତେବେଳେ ସେମାନେ ଆବଶ୍ୟକ କରୁଥିଲେ ସେତେବେଳେ ସେ ସେମାନଙ୍କର ବିଶ୍ୱାସର ସ୍ୱଳ୍ପତାକୁ ଭର୍ତ୍ସନା କଲେ (ମାର୍କ ୯:୧୯-୨୯) ।

ଥରେ ଯୀଶୁ ନିଜ ସାମୁହିକ ସେବାକାର୍ଯ୍ୟରେ ଗଲେ, ସେ ତାhaଙ୍କ ଅନୁସରଣ କରିବା ପାଇଁ ଆସିଥିବା ସମସ୍ତଙ୍କୁ ଆଦର୍ଶର ବାଣୀ ସହିତ ନିମନ୍ତ୍ରଣ କଲେ, "ମୋର ଆଦର୍ଶ ଅନୁସରଣ କର, ମୋଠାରୁ ଶିଖ, ମୋର ଶିଷ୍ୟ ହୁଅ ।" ଠିକ ସେହିପରି ଭାବରେ, ସମସ୍ତ ବିଶ୍ୱାସୀଙ୍କୁ ଖ୍ରୀଷ୍ଟଙ୍କ ଆଦର୍ଶ ଅନୁସରଣ କରିବାକୁ ପରାମର୍ଶ ଦିଆଯାଇଅଛି, ଯାହାର ଅର୍ଥ ହେଉଛି ଉଦ୍ଦେଶ୍ୟମୂଳକ ଭାବରେ ଅନ୍ୟମାନଙ୍କୁ ଶିଷ୍ୟ କରିବା ନିମନ୍ତେ ଉତ୍ସାହିତ କରିବା, ସେମାନଙ୍କୁ ଶିକ୍ଷା ଦେବା ଏବଂ ବିଶ୍ୱାସରେ ଦୃଢ କରିବା ପାଇଁ ପ୍ରତିଶ୍ରୁତି ଦେବା ।

ପରବର୍ତ୍ତୀ ବିଭାଗରେ, ଆମ୍ଭେ ଦୁଇଟି ନିର୍ଦ୍ଦିଷ୍ଟ ଦଳକୁ ଦେଖୁ, ଯେଉଁମାନେ ଆମ୍ଭର ଉଦ୍ଦେଶ୍ୟ ଆବଶ୍ୟକ କରନ୍ତି - ଚର୍ଚ୍ଚର ନେତୃତ୍ୱ, ଯେଉଁଥିରେ ପାଳକ, ଡୀକନ, କର୍ମଚାରୀ ଏବଂ ନେତାମାନେ, ଓ ତାପରେ ଦ୍ୱିତୀୟ ଦଳ-ପ୍ରତ୍ୟେକ ବିଶ୍ୱାସୀ, ଅର୍ଥାତ ଆମ୍ଭର ପଲ ଅନ୍ତର୍ଭୁକ୍ତ । ଉଦ୍ଦେଶ୍ୟମୂଳକ ଭାବରେ ସେମାନଙ୍କ ପାଇଁ ଏହି ଶିଷ୍ୟତ୍ୱର ଆବଶ୍ୟକତାକୁ ଆମ୍ଭେମାନେ କିପରି ପୂରଣ କରିପାରିବା ? ଚାଲନ୍ତୁ ଦେଖିବା ।

# ପ୍ରତ୍ୟେକ ନେତାଙ୍କୁ ଶିଷ୍ୟ କରନ୍ତୁ

